

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩୦ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 30 AUGUST 2023

Vol.No. 35 ■ No. 229 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆସନ୍ତା ଅକ୍ଟୋବର ୧୫ରେ ଓସିଏସ ପ୍ରିଲିମ୍ ପରୀକ୍ଷା

କଟକ, ୨୯/୦୮ (ନି.ପ୍ର): ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପାଇଁ ମଙ୍ଗଳବାର ପ୍ରିଲିମ ପରୀକ୍ଷା-୨୦୨୨ର ତାରିଖ ଘୋଷଣା କରାଯାଇଛି। ଓସିଏସ୍ ପରୀକ୍ଷା ନେଇ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ଅକ୍ଟୋବର ୧୫ ତାରିଖ (ରବିବାର)ରେ ଓସିଏସ୍ ପ୍ରିଲିମ ପରୀକ୍ଷା ହେବ। ପରୀକ୍ଷା ସମ୍ପର୍କିତ ବିସ୍ତୃତ ବିବରଣୀ ପରେ ଘୋଷଣା କରାଯିବ। ଅଧିକ ସୂଚନା ପାଇଁ ଆୟୋଗର ୱେବସାଇଟ୍ http://opsc.gov.in କୁ ଯିବାକୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗତବର୍ଷ ଡିସେମ୍ବର ମାସରେ ୨୨୭ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୬୮୩ ପଦବି ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଟୋବର ୧୫ରେ ହେବାକୁ ଥିବା ଓସିଏସ୍ ପ୍ରିଲିମ ପରୀକ୍ଷା-୨୦୨୨ ପାଇଁ ହଜାର ହଜାର ପ୍ରାର୍ଥୀ ପରୀକ୍ଷା ଦେବେ। ଯେଉଁମାନେ ପ୍ରିଲିମ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ପରବର୍ତ୍ତୀ ସମୟରେ ମୁଖ୍ୟ ପରୀକ୍ଷାରେ ସେମାନେ ସାମିଲ ହେବେ। ସୂଚନାଯୋଗ୍ୟ, ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୧ର ଫଳ ଗତ ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇଥିଲା। ଏହି ପରୀକ୍ଷାରେ ମୋଟ୍ ୧୬୪ ଜଣ ଝିଅଙ୍କ ସହିତ ୪୩୨ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ।

# ଜମ୍ମୁ-କଶ୍ମୀରକୁ କେବେ ମିଳିବ ରାଜ୍ୟ ମାନ୍ୟତା ?

## ଗୁରୁବାର ସୁପ୍ରିମକୋର୍ଟଙ୍କୁ କହିବ କେନ୍ଦ୍ର




ନୂଆଦିଲ୍ଲୀ,୨୯/୦୮ : ଜମ୍ମୁ-କଶ୍ମୀରକୁ ପୁଣିଥରେ ରାଜ୍ୟ ମାନ୍ୟତା ମିଳିବା ସମ୍ଭାବନା ସୃଷ୍ଟି ହୋଇଛି। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରିଥିଲେ। ଏହାପରେ ଜମ୍ମୁ-କଶ୍ମୀର ଓ ଲଦାଖ ଭାବେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ତିଆରି କରାଯାଇଥିଲା। ତେବେ କେନ୍ଦ୍ର ସରକାର ଅସ୍ଥାୟୀ ଭାବେ ଜମ୍ମୁ-କଶ୍ମୀରକୁ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ଦେଇଥିବା ସର୍ବୋଚ୍ଚ ଅଦାଲତକୁ କହିଛନ୍ତି। ଏହା ଶୁଣିବା ପରେ ପୁଣି ଜମ୍ମୁ-କଶ୍ମୀରକୁ କେବେ ରାଜ୍ୟ ମାନ୍ୟ ମିଳିବ ଓ ଏହା ପାଇଁ କ'ଣ ସବୁ ସମୟ ସୀମା ରଖାଯାଇଛି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଏହାର ଜବାବ କେନ୍ଦ୍ର ସରକାର ଗୁରୁବାର ଦେବେ ବୋଲି କହିଛନ୍ତି। ସୁପ୍ରିମକୋର୍ଟ କ୍ରମାଗତ ଦ୍ୱାଦଶ ଦିନ ପାଇଁ ଆଜି ଜମ୍ମୁ-କଶ୍ମୀରରୁ ଉଚ୍ଛେଦ ହୋଇଥିବା ଧାରା ୩୭୦ ବିରୋଧରେ ହୋଇଥିବା ଆବେଦନର ଶୁଣାଣି କରିଛନ୍ତି। ଶୁଣାଣି ବେଳେ ଜମ୍ମୁ-କଶ୍ମୀରରେ ଗଣତନ୍ତ୍ର ପ୍ରତିଷ୍ଠା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ଏକାଧିକ ପ୍ରଶ୍ନ କରିଥିଲେ। ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ ଯେ କ'ଣ ଗୋଟିଏ ରାଜ୍ୟକୁ ଆପଣ କେନ୍ଦ୍ର ଶାସିତ ଅଞ୍ଚଳ କରିପାରିବେ ? କ'ଣ ପୁଣି ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଦେଇ ପାରିବେ ? କେତେବେଳେ ଜମ୍ମୁ-କଶ୍ମୀରରେ ନିର୍ବାଚନ ହେବ ? ଏହା ନିଶ୍ଚିତ ହେବା ଦରକାର। ଆମକୁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଯୋଜନା ବିଷୟରେ କୁହନ୍ତୁ। ଆପଣ କେଉଁ ଦିନ ସେଠାରେ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା କରିବେ ? ଆମେ ଏହାକୁ ରେକର୍ଡରେ ରଖିବାକୁ ଚାହୁଁଛୁ। ଏହାର ଜବାବରେ ତୁଷାର ମେହେଟା ଆସାମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶର ଉଦାହରଣ ଦେଇଥିଲେ। ସେ କହିଥିଲେ, "ମୁଁ ଗୋଟିଏ ନିର୍ଦ୍ଦେଶ ପାଇଛି। ସେହି ନିର୍ଦ୍ଦେଶ ହେଲା କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ସ୍ଥାୟୀ ନୁହେଁ। ମୁଁ ୩୧ ଅଗଷ୍ଟରେ ଗୋଟିଏ ସକାରାତ୍ମକ ବିବୃତି ଦେବି। କିନ୍ତୁ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହୋଇ ରହିବ। କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଲୋକସଭାରେ ରଖିଥିବା ବିବୃତିକୁ ମୁଁ ଏଠାରେ ଉପସ୍ଥାପନ କରିବି।"

## ଏକ ମାସ ମଧ୍ୟରେ ଡେଙ୍ଗୁ ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ୧୦ ହଜାର

କୋଲକାତା,୨୯/୦୮ : ପଶ୍ଚିମବଙ୍ଗର ରାଜଧାନୀ କୋଲକାତା ସମେତ ରାଜ୍ୟର ଅନ୍ୟ ଅଂଚଳରେ ଡେଙ୍ଗୁ ସଂକ୍ରମଣ ଲଗାତାର ଭାବେ ବଢିବାରେ ଲାଗିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଗତ ଏକ ମାସ ମଧ୍ୟରେ ପଶ୍ଚିମବଙ୍ଗରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି । ଜାନୁଆରୀ ମାସରୁ ଜୁଲାଇ ୨୭ ତାରିଖ ମଧ୍ୟରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୩,୩୬୯ ଥିଲା । କିନ୍ତୁ, ଗତ ଏକ ମାସ ମଧ୍ୟରେ ଏହା ୧୩ ହଜାରକୁ ବୃଦ୍ଧି ପାଇଛି । ଅର୍ଥାତ୍ କେବଳ ଅଗଷ୍ଟ ମାସରେ ପ୍ରାୟ ୧୦ ହଜାର ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି ।

## ସାମ୍ନାକୁ ଆସିଲା କୋଣାର୍କ ସୂର୍ଯ୍ୟମନ୍ଦିର ଭିତରର ଫଟୋ: ଝୁଲି ରହିଛି ପଥର ଓ ବିମ୍



କୋଣାର୍କ, ୨୯/୦୮ (ନି.ପ୍ର): ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଭିତରର ଏକ୍ସକ୍ଲୁସିଭ ଫଟୋ ସାମ୍ନାକୁ ଆସିଛି। ପଥର ଓ ବାଲି ପ୍ୟାକିଂ ହୋଇଥିବା ମୁଖଶାଳା ଭିତର ପାର୍ଶ୍ୱ ଦେଖିବାକୁ ମିଳିଛି। ଫଟୋରେ ପଥର ଓ ବିମ୍ ଝୁଲି ରହିଛି। ଇଝଓ ପକ୍ଷରୁ ଏଣ୍ଡୋସ୍କୋପିକ୍ ଇନଭେଷ୍ଟିଗେସନ ବେଳେ ଏହି ଫଟୋ ଉଠାଯାଇଛି। ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ପ୍ରକ୍ରିୟା ପୁଣି ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଆଇରନ ଷ୍ଟ୍ରକଚର କାର୍ଯ୍ୟ କିଛି ଦିନ ବନ୍ଦ ରହିବା ପରେ ରବିବାରଠୁ ପୁନଃ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ବାଲି କାଢିବା ଲାଗି ପ୍ଲାଟଫର୍ମରେ ▶▶ପୃଷ୍ଠା ୭

## ଓଡ଼ିଶା ଆସିବେ ଜାତୀୟ ନିର୍ବାଚନ ଆୟୋଗଙ୍କ ଅଫିସର ଟିମ୍: ଆଗୁଆ ନିର୍ବାଚନ ଚର୍ଚ୍ଚାକୁ ପୁଣି ଖଣ୍ଡନ



ଭୁବନେଶ୍ୱର, ୨୯/୦୮ (ନି.ପ୍ର): ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନ ହୋଇପାରେ ବୋଲି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ସଂସ୍ଥା ବାରମ୍ବାର ଖବର ପ୍ରସାରଣ ଜାରି ରଖିଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ପୁଣିଥରେ ଏଭଳି ସମ୍ଭାବନାକୁ ଖାରଜ କରିଛନ୍ତି । ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ନିର୍ଦ୍ଧାରିତ ଅବଧିରେ ହେବ ତଥା ଜାତୀୟ ନିର୍ବାଚନ ଆୟୋଗ ଏନେଇ ତାରିଖ ଘୋଷଣା କରିବେ ବୋଲି ସେ କହିଛନ୍ତି । ଏହାସହିତ ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରସ୍ତୁତି ତଦାରଖ କରିବା ନିମନ୍ତେ ଆସନ୍ତାମାସ ସେପଟ୍ଟେମ୍ବର ୧୩ତାରିଖରେ ଜାତୀୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଓଡ଼ିଶା ଆସିବେ ବୋଲି ଶ୍ରୀ ଧଳ କହିଛନ୍ତି । ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଧଳ କହିଛନ୍ତି ଯେ, ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସେପଟ୍ଟେମ୍ବର ୧୩ତାରିଖରେ ଓଡ଼ିଶା ଆସି ଜିଲ୍ଲାପାଳମାନଙ୍କ ସହ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ଆଲୋଚନା କରିବେ । ଏହା ଏକ ରୁଟିନ୍ ପ୍ରକ୍ରିୟା। ମୁଖ୍ୟ ନିର୍ବାଚନ ଆୟୋଗ କିମ୍ବା ଆୟୋଗଙ୍କ ସଦସ୍ୟ କେହି ଏବେ ଆସିବେ ନାହିଁ କିମ୍ବା ସେମାନେ ଓଡ଼ିଶା ଆସିବା ନେଇ କୌଣସି ସୂଚନା ନାହିଁ । ସାଧାରଣ ନିର୍ବାଚନ ପାଇଁ ବହୁ ପୂର୍ବରୁ ପ୍ରସ୍ତୁତି କରାଯାଏ । ରାଜ୍ୟରେ ଆବଶ୍ୟକ ଅନୁସାରେ ଇଭିଏମ୍ ମେସିନ୍ ବହୁ ପୂର୍ବରୁ ପହଂଚିସାରିଛି । ୯ଟି ଜିଲ୍ଲାରେ ଭିଭିପାଟ୍ ପହଂଚିଛି ଓ ବାକି ୨୧ଟି ଜିଲ୍ଲା ପାଇଁ ଖୁବଶୀଘ୍ର ଭିଭିପାଟ୍ ଆସିବ ▶▶ପୃଷ୍ଠା ୭

## ଦିନିକିଆ ନୂଆପଡା ଗସ୍ତରେ ଡିଜିପି

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ଦିନିକିଆ ନୂଆପଡା ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ । ଏହି ଗସ୍ତକାଳରେ ସେ ସୁନାବେଡ଼ା ଅଭୟାରଣ୍ୟର ବିଭିନ୍ନ ମାଓ ଅଂଚଳର ସମୀକ୍ଷା କରିବା ସହ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆଇନ ଶୃଙ୍ଖଳା ଉପରେ ଆଲୋଚନା କରିଛନ୍ତି । ଡିଜିପିଙ୍କ ସହିତ ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜି ଚରଣ ସିଂ ମୀନା, ସିଆରପିଏଫ ଡିଆଇଜି ଏବଂ ଗୁଇନ୍ଦା ବିଭାଗର ଏଡିଜି ସଞ୍ଜୀବ ପଣ୍ଡା, ନୂଆପଡ଼ା ଏସପି ରାଘବେନ୍ଦ୍ର ଗୁଣ୍ଡାଲା ରେଡ୍ଡୀ ମଧ ସାମିଲ ହୋଇଥିଲେ । ଜିଲ୍ଲାରେ ବଢୁଥିବା ମାଓ ହିଂସାର ସ୍ଥିତି ପରିଖିବା ସହ ମାଓଦମନକୁ ଜୋରଦାର କରିବା ପାଇଁ କହିଛନ୍ତି ଡିଜିପି । ଏହାସହ ଅସ୍ତ୍ର ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି ।

## ଚନ୍ଦ୍ରରେ ଅଛି ସଲଫର, ଆଲୁମିନିୟମ୍, କ୍ୟାଲସିୟମ୍, ଅକ୍ସିଜେନ୍ : ଟୁଇଟ୍ କରି ସୂଚନା ଦେଲା ଇସ୍ରୋ

ନୂଆଦିଲ୍ଲୀ,୨୯/୦୮ : ଚନ୍ଦ୍ରରେ ହାଇଡ୍ରୋଜେନ୍ ଥିବାର ସମ୍ଭାବନା ବୃଦ୍ଧି ପାଇଛି । ଟୁଇଟ୍ କରି ଇସ୍ରୋ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଚନ୍ଦ୍ରରେ ସଲଫର୍, ଆଲୁମିନିୟମ୍, କ୍ୟାଲସିୟମ୍, ଆଇରନ୍, କ୍ରୋମିୟମ୍, ଟିଟାନିୟମ୍ ଭଳି ରାସାୟନିକ ପଦାର୍ଥ ରହିଛି । ତେବେ ପରବର୍ତୀ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଚନ୍ଦ୍ରର ଦକ୍ଷିଣ ମେରୁରେ ମାଙ୍ଗାନିଜ୍, ସିଲିକନ୍, ଅକ୍ସିଜେନ୍ ଥିବା ନେଇ ତଥ୍ୟ ମିଳିଛି । ତେବେ ହାଇଡ୍ରୋଜେନ୍ ଉପସ୍ଥିତି ନେଇ ଅଧିକ ଅନୁସନ୍ଧାନ ଜାରି ରହିଛି । ଚନ୍ଦ୍ରଯାନ-୩ର ରୋଭର'ର ତଥ୍ୟକୁ ବିଶ୍ଳେଷଣ କରି ଇସ୍ରୋ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଲଆଇବିଏସ୍ ବା' ଲେଜର ଇଣ୍ଡୁସଡ ବ୍ରେକଡାଉନ୍ ସ୍ପେକ୍ଟ୍ରୋସ୍କୋପ ପ୍ରଣାଳୀରେ ରୋଭରରୁ ଏହି ତଥ୍ୟ ଆସିଛି । ଏଲଆଇବିଏସ୍, ଚନ୍ଦ୍ରପୃଷ୍ଠରେ ଥିବା ମାଟି ଓ ପଥରରେ ଥିବା ରସାୟନିକ ଉପଦାନ ଗୁଡିକର ଅନୁଧ୍ୟାନ କରିଛି । କେଉଁ କେଉଁ ପ୍ରକାର ରାସାୟନିକ ଉପାଦନ ଚନ୍ଦ୍ର ମାଟିରେ ରହିଛି ତାହା ଅନୁନ୍ଧାନ କରିଛି ଏଲଆଇବିଏସ୍ ।

## ବିଏସଏଫ ଯବାନଙ୍କ ଦ୍ୱାରା ଦୁଇଟି ସ୍ଥାନରୁ ବହୁ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୨୯/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଓ ସ୍ୱାଭିମାନ ଅଂଚଳ ଯୋଡାମ୍ବ ଥାନା ଅଂଚଳରୁ ଆଜି ସର୍ଚ୍ଚ ଅପରେସନ ବେଳେ ବିଏସଏଫ ଯବାନ ମାନେ ମାଓବାଦୀ ମାନେମାଟି ତଳେ ପୋତି ରଖି ଥିବା ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କାଲିମେଳା ଥାନା ଅନ୍ତର୍ଗତ ୧୪୨ବାଟାଲିୟନ ବିଏସଏଫ ଯବାନ ଆଜି ସକାଳୁ ମାଓ ବାଦୀ ମାନେ ମାଟିତଳେ ଲୁଚାଇ ରଖିଥିବା ୨ ଲିଟର ଟିଫିନ ଆଇଡି ୩ଟି, ଦେଶୀ ବନ୍ଧୁକ ୨ ଟି, ଜିଲୋଟିନ ଷ୍ଟିକ ୧ ୦୧ ଟି ଓ ଇଲେକ୍ଟ୍ରି ଡିଟୋନେଟର ୨ ଟି ଉଦ୍ଧାର କରିଛନ୍ତି । ସେହିପରି ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯୋଡାମ୍ବ ଥାନା ଯନ୍ତ୍ରୀ ଠାରେ ମୃତୟନ ହୋଇଥିବା ୧୭୭ ବାଟାଲିୟନ ବିଏସଏଫ ଯବାନ ମାନେ ସର୍ଚ୍ଚ ଅପରେସନ ସମୟରେ ତାବେରୁ ଗ୍ରାମ ଠାରେ ମାଓ ଡମ୍ପରୁ ଷ୍ଟିଲ ଟିଫିନ ଆଇଡି ଗୋଟିଏ, ପ୍ଲାଷ୍ଟିକ ବକ୍ସ ଆଇଡି ୨ ଟି, ଜିଲୋଟିନ ଷ୍ଟିକ ୬ ଟି ଓ କୋଡେକ୍ସ ତାର ୩ ୦ମିଟର ଜବତ କରିଛନ୍ତି !

## ସଜା ଉପରେ ରୋକ୍ ପରେ ଇମ୍ରାନ ଖାନ୍ ପୁଣି ଗିରଫ



ନୂଆଦିଲ୍ଲୀ, ୨୯/୦୮: ତୋଷାଖାନା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଇସଲାମାବାଦ ହାଇକୋର୍ଟ ତାଙ୍କର ୩ ବର୍ଷର ଦଣ୍ଡ ଉପରେ ରୋକ୍ ଲଗାଇଛନ୍ତି। ଅବଶ୍ୟ ସେ ଜେଲ୍‌ରୁ ବାହାରକୁ ଆସିପାରିବେ ନାହିଁ । କାରଣ ତାଙ୍କୁ ଅନ୍ୟ ଏକ ମାମଲାରେ ପୁଣି ଗିରଫ କରାଯାଇଛି । ସାଇଫର କେସ୍‌ରେ ଗିରଫ କରାଯାଇଛି। ତାଙ୍କୁ ଏହି ମାମଲାରେ ଅଗଷ୍ଟ ୩୦ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତରେ ରଖାଯାଇଛି। ସୂଚନାଥାଉକି, ତୋଷାଖାନା ଦୁର୍ନୀତି ମାମଲାରେ ଇମ୍ରାନଙ୍କୁ ପ୍ରଥମେ ଇସଲାମାବାଦର ଏକ ଅଦାଲତ ଅଗଷ୍ଟ ୫ରେ ତିନି ବର୍ଷର ଦଣ୍ଡ ଶୁଣାଇଥିଲେ, ସେବେଠାରୁ ସେ ଜେଲ୍‌ରେ ଥିଲେ। ସୂଚନା ଅନୁଯାୟୀ, ତାଙ୍କୁ ସରକାରୀ ଗୋପନୀୟତା ଅଧିନିୟମ ଅନୁଯାୟୀ ସାଇଫର ମାମଲାରେ ଗିରଫ କରାଯାଇଛି। ଇମ୍ରାନଙ୍କ ଉପରେ ଅଭିଯୋଗ ରହିଛି ଯେ, ଯେତେବେଳେ ସେ ପାକିସ୍ତାନରେ ସତ୍ତାରେ ଥିଲେ ସେତେବେଳେ ରାଜନୀତିକ ଉଦ୍ଦେଶ୍ୟ ପାଇଁ ଏକ ଗୋପନୀୟ ରାଜନୀତିକ ତଥ୍ୟ (ସାଇଫର)ର ଦୁରୂପଯୋଗ କରିଥିଲେ। ସାଇଫରରେ ଆମେରିକୀୟ ବିଦେଶ ବିଭାଗ ଅଧିକାରୀ ଏବଂ ପାକ୍ ରାଷ୍ଟ୍ରଦୂତଙ୍କ କଥାବାର୍ତ୍ତା ହୋଇଥାଏ। ସାଇଫର ସାର୍ବଜନିକ କରିବା ଗୋପନୀୟତା ଅଧିନିୟମର ଅନୁଯାୟୀ ଅପରାଧ। ଇମ୍ରାନ ଖାନ ଏବଂ ତାଙ୍କ ପାର୍ଟୀ ଲଗାତାର ଅଭିଯୋଗ ଆଣୁଥିଲା ଯେ, ପାକିସ୍ତାନର ଶହବାଜ ଶରିଫ୍ ସରକାର ଜାଣିଶୁଣି ତାଙ୍କୁ ମିଥ୍ୟା ମାମଲାରେ ଫସାଉଛି। ଆହୁରି ପଢ଼ନ୍ତୁ: ତୋଷାଖାନା ମାମଲାରେ ଇମ୍ରାନ ଖାନ୍‌ଙ୍କୁ ବଡ ଆଶ୍ୱସ୍ତି, ସଜା ଉପରେ ରୋକ୍ ଲଗାଇଲେ ଇସଲାମାବାଦ ହାଇକୋର୍ଟ ତୋଷାଖାନା ଦୁର୍ନୀତି ମାମଲାରେ ଇମରାନ ଖାନ ଇସଲାମାବାଦ ହାଇକୋର୍ଟରେ ଦଣ୍ଡ ବିରୋଧରେ ଅପିଲ୍ କରିଥିଲେ। ଅଦାଲତ ସୋମବାର ନିଜ ନିଷ୍ପତ୍ତି ଉପରେ ନିଜ ନିଷ୍ପତ୍ତି ସଂରକ୍ଷିତ କରିଥିଲେ, ଯେତେବେଳେକି ଏବେ ମଙ୍ଗଳବାର ନିଷ୍ପତ୍ତି ଶୁଣାଇଥିଲେ। ଅଦାଲତର ଦୁଇ ବିଚାରପତିଙ୍କ ବେଞ୍ଚ ନିମ୍ନ ଅଦାଲତଙ୍କ ନିଷ୍ପତ୍ତିକୁ ରୋକ୍ ଲଗାଇ ପୂର୍ବତନ ପାକିସ୍ତାନୀ ପ୍ରଧାନମନ୍ତ୍ରୀଙ୍କୁ ତୁରନ୍ତ ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକୃତରେ ଇମରାନ ଖାନଙ୍କ ଉପରେ ଅଭିଯୋଗ ଥିଲା ଯେ ପ୍ରଧାନମନ୍ତ୍ରୀ ଥିବା ସମୟରେ ତାଙ୍କୁ ଯେଉଁ ଉପହାର ମିଳିଥିଲା ତାହାର ସୂଚନା ସେ ତୋଷାଖାନା ବିଭାଗକୁ ଦେଇନଥିଲେ। ଏତିକି ନୁହେଁ ସେ ଅନେକ ଉପହାରକୁ ନିଲାମ କରି ଟଙ୍କା ହଡ଼ପ କରିଥିଲେ।

## ମମତାଙ୍କ ପରେ ନୀତିଶ ଦୋହରାଇଲେ ସମାନ କଥା: ଆଗୁଆ ନିର୍ବାଚନ କରିପାରନ୍ତି କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୨୯/୦୮ (ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ ଏବେ ପୁଣି ବିହାର ମୁଖ୍ୟମନ୍ତ୍ରୀ ଦୋହରାଇଲେ ସେହି ସମାନ କଥା। ଆଗୁଆ ନିର୍ବାଚନ କରିପାରନ୍ତି କେନ୍ଦ୍ର ସରକାର । ନୀତିଶ କୁମାର କହିଛନ୍ତି ଯେ, ବିଜେପି ସରକାର ୭ରୁ ୮ ମାସ ପୂର୍ବରୁ ଲୋକସଭା ନିର୍ବାଚନ କରିପାରନ୍ତି । ତେବେ ନିର୍ବାଚନ ପୂର୍ବରୁ ଇଣ୍ଡିଆ ମେଣ୍ଟର ସମସ୍ତ ଦଳ ଏକାଠି ରହିବାକୁ ଅପିଲ କରିଛନ୍ତି ନୀତିଶ କୁମାର । ନୀତିଶଙ୍କ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସେହି ସମାନ କଥା କହିଥିଲେ। ମମତା କହିଥିଲେ ଯେ, ବିଜେପି ଉପରେ ଭରସା କରିହେବନି। ଡିସେମ୍ବର କିମ୍ବା ଜାନୁଆରୀରେ ସାଧାରଣ ନିର୍ବାଚନ ହେଇପାରେ । ଏଥିପାଇଁ ବିଜେପି ଏବେଠୁ ଦେଶର ସବୁ ହେଲିକପ୍ଟରକୁ ବୁକ୍ କରିଦେଇଛି। ଯାହା ଫଳରେ ଅନ୍ୟ ନେତାମାନେ ନିର୍ବାଚନ ପ୍ରଚାର କରିପାରିବେ ନାହିଁ । ସୂଚନାଯୋଗ୍ୟ ଯେ, ଆଉ ଦୁଇ ଦିନ ପରେ ଇଣ୍ଡିଆ ମେଣ୍ଟର ବୈଠକ ବସିବାକୁ ଯାଉଛି । ▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି
୨ ♣ ବାଲେଶ୍ୱର ♣ ବୁଧବାର, ୩୦ ଅଗଷ୍ଟ, ୨୦୨୩

# ଆମ ସଂସ୍କୃତିରେ ରକ୍ଷା ବନ୍ଧନ

## ଡକ୍ଟର ଲକ୍ଷ୍ମଣ ସାହୁ

ରକ୍ଷା ବନ୍ଧନ ବନାମ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା । ଏହାକୁ ମଧ୍ୟ ପବିତ୍ର ଦେବୀ ପୂର୍ଣ୍ଣିମା କୁହାଯାଏ । ମୁଖ୍ୟତଃ ଏହା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ । ଯାହା ଭାରତୀୟଙ୍କ ଦ୍ୱାରା ପାଳିତ ହୋଇଆସୁଛି ।

ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସଂପର୍କକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ । ପ୍ରତି ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ ଓ ଏହି ଅବସରରେ ଭଉଣୀକୁ ମଧ୍ୟ ମନଲାଖି ଉପହାର ଦେଇଥାଏ । ଉପହାର ପାଇ ଭଉଣୀ ବେଶ ଖୁସିହୁଏ । ଅନ୍ୟପଟେ ଦୂରରେ ଥିବା ଭାଇ ପାଇଁ ଭଉଣି ରାକ୍ଷୀ ପଠାଇ ମଙ୍ଗଳ କାମନା କରେ । ସାରା ଦେଶରେ ଏହି ପର୍ବକୁ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । କେବଳ ଘରେ ନୁହେଁ ମନ୍ଦିର ଗୁଡ଼ିକରେ ମଧ୍ୟ ଏହି ପର୍ବ ପାଳନ କରାଯାଇଥାଏ । ବିଶେଷ କରି ଶ୍ରୀମନ୍ଦିରରେ ଏହି ପର୍ବ ମଧ୍ୟ ପାଳନ କରାଯାଉଛି । ଭଉଣୀ ସୁଭଦ୍ରା ବଳଭଦ୍ର ଓ ଜଗନ୍ନାଥଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି । ଏଥିପାଇଁ ପାଟରା ବିଶୋଇ ସେବାୟତ ପ୍ରସ୍ତୁତ କରିଥାନ୍ତି ସ୍ୱତନ୍ତ୍ର ପାଟରାକ୍ଷୀ ଓ ଗୁଆମାଳ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବାସୁଙ୍ଗା ପାଟରେ ତିଆରି ହୋଇଥାଏ ୪ଟି ରଙ୍ଗର ରାକ୍ଷୀ । ଏହି ୪ଟି ରାକ୍ଷୀ ସହିତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଜଗନ୍ନାଥଙ୍କୁ ହଳଦିଆ, ନାଲିରଙ୍ଗର ରାକ୍ଷୀ ଓ ଗୁଆମାଳ ଲାଗି କରାଯାଏ । ସେହିପରି ବଳଭଦ୍ରଙ୍କୁ ନେଳି ଓ ବାଇଗଣି ରଙ୍ଗର ରାକ୍ଷୀ ଓ ଗୁଆମାଳ ଲାଗି କରାହୁଏ ।

ଏହି ପର୍ବକୁ ବଳଭଦ୍ରଙ୍କ ଜନ୍ମ ଦିବସ କୁହାଯାଇଥାଏ । ତେଣୁ ଏହି ଦିନରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ପର୍ବାଣି ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ସକାଳୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଓ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ବ୍ରାହ୍ମଣମାନେ ଏହି ଦିନ ମନ୍ତୁରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି । ସେହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ୍ୟ ବିଶ୍ୱାସ ରହିଛି । ଏହି ଦିନ ସବୁ ପାଳିତ ପଶୁ ଗାଈ, ଗୋରୁ ଆଦିଙ୍କୁ ସଜାଯାଇ ପୂଜା କରାଯାଏ । ଘରେ ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାହୁଏ । ପରିବାର ଓ ବନ୍ଧୁ ବାନ୍ଧବମାନଙ୍କ ମଧ୍ୟରେ ବଣ୍ଟାଯାଏ । ଅପରପକ୍ଷରେ ଦ୍ୱାପରରେ କୃଷ୍ଣଙ୍କ ବଡ଼ ଭାଇ ଭଗବାନ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିବାରୁ ଦିନଟିକୁ ବଳରାମ ଜୟନ୍ତୀ ରୂପେ ମଧ୍ୟ ପାଳନ କରାଯାଏ ।

ଧାର୍ମିକ ଦୃଷ୍ଟିକୋଣରୁ ଏହି ପର୍ବ ପାଳନ କରିବା ପଛରେ ରହିଛି ପୌରାଣିକ ତଥ୍ୟ । ମହାଭରତର ମୁଖ୍ୟ ଚରିତ୍ରଙ୍କ ମଧ୍ୟରୁ ଦ୍ରୌପଦୀ ଅନ୍ୟତମ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହେଇଯାଇଥିଲା । ଦ୍ରୌପଦୀଙ୍କ ଠାରୁ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଯାହା ଫଳରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସକଳ ବିପଦରୁ ରକ୍ଷା କରିବେ ବୋଲି କଥା ଦେଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ସେହି ଦିନ ଠାରୁ ଏହି ପର୍ବ ପାଳିତ ହୋଇ ଆସୁଛି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି ।

ସେହିପରି ମହାଭାରତରେ ଆଉ ଏକ ଚମତ୍କାର ପୌରାଣିକ କାହାଣୀ ରହିଛି । ସେଥିରେ ଉଲ୍ଲେଖ ଅଛି ଅସୁର ସମ୍ରାଟ ବଳି ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ ଥିଲେ । ତାଙ୍କ ଉପରେ କୈଣସି ବିପଦ ଆସୁ ଏହା ବିଷ୍ଣୁ ଚାହୁଁ ନ ଥିଲେ । ତେଣୁ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗକରି ବଳିର ରାଜପ୍ରାସାଦରେ ଅବସ୍ଥାନ କଲେ । ଯାହାକି ମହାଲକ୍ଷ୍ମୀ ଏହା ଚାହୁଁ ନଥିଲେ । ସେ ଚାହୁଁ ଥିଲେ ବିଷ୍ଣୁ ତାଙ୍କ ସହ ବୈକୁଣ୍ଠରେ ଅବସ୍ଥାନ କରନ୍ତୁ । ଏହାର ଏକ ଉପାୟ ଚିନ୍ତାକରି ଲକ୍ଷ୍ମୀ ବ୍ରାହ୍ମଣୀ ବେଶରେ ବଳିକୁ ଭେଟିଲେ । ଶ୍ରାବଣ ପୂର୍ଣ୍ଣମୀରେ ସେ ବଳି ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ । ପ୍ରତିଦାନରେ ଜଣେ ଭାଇ ହିସାବରେ ଲକ୍ଷ୍ମୀଙ୍କ କଥା ବୁଝିବା ବଳିଙ୍କର ଶ୍ରେଷ୍ଠ କର୍ତ୍ତ୍ୟବ୍ୟ ଥିଲା । ଲକ୍ଷ୍ମୀ କ'ଣ ଚାହୁଁଛନ୍ତି ଜାଣିବାପରେ ସେ ବିଷ୍ଣୁଙ୍କୁ ବୈକୁଣ୍ଠରେ ରହିବାକୁ ଅନୁରୋଧ କରିଥିଲେ ।

ପୁରାଣ ଭଳି ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜାବଳିଙ୍କ ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ତେଣୁ ବିଚାର ଦୃଷ୍ଟିରୁ ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ । ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି ମୂଳକ ଧରାଯାଇପାରେ । ତଥାପି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ କେବେ ପଛଘୁଞ୍ଚା ଦେଇନାହିଁ , ତାହାହିଁ ପ୍ରମାଣିତ ହୋଇଛି ।

ପ୍ରଥମ ଘଟଣାଟି ହେଉଛି ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର ଐତିହାସିକ ଗାଥା । ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ । ସେତେବେଳେ



ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରି ନିଜର ନୈତିକ କର୍ତ୍ତବ୍ୟ କରିଥିଲେ । ସେହିପରି ଦ୍ୱିତୀୟ ଘଟଣାଟି ହେଉଛି ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ୍ୟ ଯୁଗର ରାଜପୁତ ଯୋଦ୍ଧମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀ ସତ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ,ସୁଲତାନ ବାହାଦୁରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ, ସେତେ ବେଳେ ସେ ଉପାୟଟିଏ ଚିନ୍ତାକଲେ । ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଗୋଟିଏ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଆଗ୍ରହ ସହକାରେ ଭଉଣୀର ସ୍ନେହ ଉପହାର ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇଦେଇଥିଲେ । ସତରେ ଭାଇ-ଭଉଣୀର ଏଭଳି ନିବିଡ଼ ସମ୍ପର୍କକୁ ନେଇ ଅନେକ ନାଟକ ଓ କଥାଚିତ୍ର ପ୍ରସ୍ତୁତ ହେଇଛି । ଭଉଣୀର ସୁରକ୍ଷା ପାଇଁ ଭାଇ ନିଜର ସୁଖ ସୁବିଧା ମଧ୍ୟ ଭୁଲିଯାଏ । ଉଭୟ ଓଡ଼ିଆ ଓ ହିନ୍ଦୀ ସିନେମାରେ ଏଭଳି ଦୃଶ୍ୟ ରହିଛି । କେତେକ ସିନେମାରେ ରାକ୍ଷୀ ମାଧରେ ଏହି ଆବେଗ ଓ ତ୍ୟାଗର ଦୃଶ୍ୟ ଦର୍ଶକମାନେ ଉପଭୋଗ କରିଛନ୍ତି । ଏମିତି କିଛି ସିନେମା ଆଉ ରାକ୍ଷୀ ଗୀତ ହେଲା – ଓଡ଼ିଆରେ ଚକା ଆଖି ସବୁ ଦେଖୁଛିରେ ରାକ୍ଷୀରେ ରାକ୍ଷୀ ତୁ ରହିଲୁ ସାକ୍ଷୀ, ରାକ୍ଷୀ ବାନ୍ଧିଲି ମୋ ରଖିବ ମାନର ଶୀର୍ଷକ ଗୀତ ଏବଂ ରାକ୍ଷୀ ଭିଜିଗଲା ଆଖି ଲୁହରେର ଶୀର୍ଷକ ଗୀତ । ହିନ୍ଦୀ ସିନେମା କାଜଲରେ ମେରେ ଭୈୟା ମେରେ ଚନ୍ଦା, ଅନପଢ଼ରେ ରଙ୍ଗ ବିରଙ୍ଗ ରାକ୍ଷୀ ଲୋକେ, ବେଇମାନରେ ୟେ ରାକ୍ଷୀ ବନ୍ଧନ ହୈ ଐସା ଓ ରେଶମ କି ଡୋରୀରେ ବହେନ୍ ନେ ଭାଇ କି କଲାଇ ସେ ପରି ଅନେକ ଗୀତ ଅଦ୍ୟାବଧି ଅଭୁଲା ରହିଛି ।

ଏହି ପର୍ବ କେବଳ ଓଡ଼ିଶା ରେ ନୁହେଁ ଭାରତ ଅନ୍ୟ ରାଜ୍ୟମାନଙ୍କରେ ଭିନ୍ନ ରୀତିରେ ପାଳିତ ହୋଇଥାଏ । ତନ୍ମଧ୍ୟରୁ ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ । ଏହି ଦିନ ସମୂଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଇଥାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷ କରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ସେମାଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ । ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣିମାରେ ଏହି ପର୍ବ ମହା ଆଡ଼ମ୍ବର ସହିତ ପାଳିତ ହେଇଥାଏ । ଉତ୍ତରଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ତେବେ ଏହା ସବୁ ସ୍ଥାନରେ ନୁହେଁ , କିଛି ସ୍ଥାନରେ ପାଳନ କରାଯାଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହୋଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ନାଁରେ ପାଳନ କରାଯାଇଥାଏ । ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ ଶ୍ରାବଣୀ ବେଦଉପାକର୍ମ ମଧ୍ୟ କୁହାଯାଏ । ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ବ୍ରାହ୍ମଣଙ୍କ ଦ୍ୱାରା କରାଯାଉଥିବା ଉତ୍ସବକୁ ବ୍ରହ୍ମ ଯଜ୍ଞ ମଧ୍ୟ କୁହାଯାଏ ।

ବାସ୍ତବରେ ଭାରତୀୟ ସଂସ୍କୃତିରେ ସଂରକ୍ଷଣର ଏହି ଅବିସ୍ମରଣୀୟ ପ୍ରେମ ଓ ଅଦୃଶ୍ୟ ସ୍ନେହର ଏକ ପବିତ୍ର ବନ୍ଧନ...!!!

+ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ : ୯୦୪୦ ୧୫୧୪୭୫

# ଶ୍ରୀବଳରାମଙ୍କ ବିଷୟରେ ଜଣା ଅଜଣା ତଥ୍ୟ

## ଡ଼ଃ.ଅରୁନ୍ଧତୀ ଦେବୀ

ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ସାରା ଦେଶରେ ଏହି ଦିନ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥାଏ। ରାକ୍ଷୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କରେ ସାକ୍ଷୀ। ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷା ବନ୍ଧନ ଉତ୍ସବ। ସାରା ଦେଶରେ ଏହି ଉତ୍ସବକୁ ଅତି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଭାବେ ପାଳନ କରାଯାଇଥାଏ। ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ଦିନରେ ନାରିକେଳ ପୂର୍ଣ୍ଣିମା ପାଳନ କରାଯାଉଥିବାର ନଜିର ରହିଛି। କେତେକ ରାଜ୍ୟରେ ଏହା କାକରି ପୂର୍ଣ୍ଣିମା ନାମରେ ମଧ୍ୟ ପାଳିତ ହୋଇଥାଏ। ଓଡ଼ିଶାର ବ୍ରାହ୍ମଣୀ ଶାସନରେ ଏହି ଦିନରେ ଶ୍ରାବଣୀ ବେଦଉପାକର୍ମ ଦିବସ ଭାବେ ପାଳନ କରାଯାଇଥାଏ। ବ୍ରାହ୍ମଣମାନେ ଏହି ଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ କରିବା ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି। ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ। ଗହ୍ମା ପୂର୍ଣ୍ଣିମାରେ ଗାଈ, ଗୋରୁ ଏବଂ ଗୃହପାଳିତ ପଶୁଙ୍କୁ ପୂଜା କରାଯିବାର ପରମ୍ପରା ଆମ ରାଜ୍ୟରେ ରହିଛି। ଏହି ଦିନ ବିଭିନ୍ନ ପ୍ରକାରର ପିଠା, ପଣା ପ୍ରସ୍ତୁତ କରାଯାଇ ସାହି ପଡ଼ିଶାରେ ବଣ୍ଟା ଯାଇଥାଏ। ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଝୁଲଣ ଯାତ୍ରା ସମୟରେ ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ଦୋଳି ଖେଳା ଯାଇଥାଏ। ରାକ୍ଷୀ ପୂର୍ଣ୍ଣିମା ଆମ ଦେଶର ପ୍ରାଚୀନ ପରମ୍ପରା ଏବଂ ସଂସ୍କୃତିର ଏକ ମହାନ ପର୍ବ, ଯାହା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ଗାଥା ବହନ କରିଥାଏ।

ଭଗବାନ ଶ୍ରୀକୃଷ୍ଣ ଭଳି ବଳରାମ ପିଲାଦିନେ ଗୋପାଳକ ଭାବେ ଜୀବନ ଅତିବାହିତ କରିଥିଲେ। ତାଙ୍କର ଅଧିକାଂଶ ସମୟ ଶ୍ରୀକୃଷ୍ଣଙ୍କ ସହିତ କଟିଥିଲା। କୃଷ୍ଣ-ବଳରାମ ସାଥୀ ହୋଇ ସବୁଆଡ଼େ ଯାଉଥିଲେ। ସେ ଧେନୁକାସୁରର ବଧ କରିଥିଲେ। ମଥୁରାରେ ପ୍ରଳମ୍ବାସୁର ଏବଂ ମୁଷ୍ଟିକ ମଲ୍ଲଯୋଦ୍ଧାର ମୃତ୍ୟୁ ମଧ୍ୟ ବଳରାମଙ୍କ ହାତରେ ହୋଇଥିଲା। କଂସର ମୃତ୍ୟୁ ପରେ ଉଭୟ ଶ୍ରୀକୃଷ୍ଣ ଏବଂ ବଳରାମ ଗୁରୁ ସନ୍ଦିପନୀଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ଦୁହେଁ ଅସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଶିକ୍ଷା ଲାଭ କରିଥିଲେ।

ଯଦୁବଂଶର ଦାୟାଦ ହୋଇଥିଲେ ବି ନନ୍ଦ ରାଜାଙ୍କ ଘରେ ଜନ୍ମ ହୋଇଥିବାରୁ ଦୁଇଟି ପରିବାର ଅଂଶ ଥିଲେ ବଳରାମ। ଜଣେ ମାତାଙ୍କ ଗର୍ଭରେ ରହିବା ପରେ ଅନ୍ୟ ଜଣେ ମାତାଙ୍କ ଗର୍ଭ ଦେଇ ସଂସାରକୁ ଆସିଥିବାରୁ ସେ ଶଙ୍କର୍ଷଣ



ନାମରେ ପରିଚିତ ହୋଇଥିଲେ। ତେବେ ତାଙ୍କର ପିଲାଦିନର ନାମ ଥିଲା ରାମ। ମହାଶକ୍ତିଶାଳୀ ହୋଇଥିବାରୁ ତାଙ୍କ ନାମ ପୂର୍ବରୁ ବଳ ଯୋଡ଼ାଯାଇଥିଲା। ଫଳରେ ସେ ବଳରାମ ନାମରେ ପରିଚିତ ହେଲେ। ନନ୍ଦ ରାଜାଙ୍କ ଆମନ୍ତ୍ରଣ କ୍ରମେ ମୁନି ଗର୍ଗ ନନ୍ଦଗ୍ରାମକୁ ଆସି ଶ୍ରୀକୃଷ୍ଣ ତଥା ବଳରାମଙ୍କ ନାମକରଣ କରିଥିଲେ।

ଶ୍ରୀକୃଷ୍ଣଙ୍କ ବର୍ଣ୍ଣ କୃଷ୍ଣ ବା କଳା ରଙ୍ଗର ହୋଇଥିବା ବେଳେ ବଳଭଦ୍ରଙ୍କ ଥିଲେ ଗୌରବର୍ଣ୍ଣ। ସେଥିପାଇଁ ସର୍ବତ୍ର ବଳରାମଙ୍କ ଗୌରବର୍ଣ୍ଣର ମୂର୍ତ୍ତି ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ବଳରାମ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ସେ ହାତରେ ହଳ ଏବଂ ଗଦା ଧାରଣ କରୁଥିଲେ। ତାଙ୍କ ହଳ ଲଙ୍ଗଳର ନାମ ଥିଲା ବାଲଚିତ୍ର। ସେ ସର୍ବଦା ନୀଳ ବର୍ଣ୍ଣର ବସ୍ତ୍ର ପରିଧାନ କରୁଥିଲେ। ତାଙ୍କ ଗଳରେ ବଣରୁ ତୋଳାଯାଇଥିବା ଫୁଲର ମାଳା ଲମ୍ବିଥିଲା। କର୍ଣ୍ଣରେ କୁଣ୍ଡଳ, ମସ୍ତକରେ ଚିତା ଝଟକୁ ଥିଲା। ଲମ୍ବା କେଶ ଥିଲା। ମୁଣ୍ଡରେ ଜଟା କରି କେଶ ବାନ୍ଧୁଥିଲେ। ହାତରେ ମଣିବନ୍ଧ, କଟିବନ୍ଧ ଆଦି ଶୋଭା ପାଉଥିଲା। ତାଙ୍କର ଶକ୍ତି ସାଙ୍ଗକୁ ତାଙ୍କ ସ୍ୱରୂପ ସମସ୍ତଙ୍କ ପାଇଁ ଆକର୍ଷଣୀୟ ଥିଲା ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି।

ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବଳରାମ ମଧ୍ୟ ଅସ୍ତ୍ର ଉଠାଇବେ ନାହିଁ ପ୍ରତିଜ୍ଞା କରିଥିଲେ। ଭୀମ ଏବଂ ଦୁର୍ଯ୍ୟୋଧନ ବଳରାମଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଗ୍ରହଣ କରିଥିଲେ। ଯୁଦ୍ଧରେ ଭୀମ ନିୟମ ଭଙ୍ଗ କରି ଦୁର୍ଯ୍ୟୋଧନର ଅଣ୍ଟା ତଳ ଅଂଶକୁ ପ୍ରହାର କରି ତାର ବଧ କରିଥିଲେ। ଏହା ଜାଣିବା ପରେ ବଳରାମ କ୍ରୋଧିତ ହୋଇ ଭୀମଙ୍କ ହଳ ସାହାଯ୍ୟରେ ବଧ କରିବାକୁ ଆସିଲେ। ମାତ୍ର ଶ୍ରୀକୃଷ୍ଣ ତାଙ୍କୁ ଅଟକାଇ କହିଲେ, ଭୀମ ଅଧର୍ମର ବିନାଶ ଲାଗି ଦୁର୍ଯ୍ୟୋଧନର ବଧ କରିଛନ୍ତି। ତା'ଛଡ଼ା ଦ୍ରୌପଦୀର ବସ୍ତ୍ର ହରଣ କରିଥିବାରୁ ଦୁର୍ଯ୍ୟୋଧନକୁ ମାରିବା ଲାଗି ଭୀମ ଶପଥ ନେଇଥିଲେ। ଆପଣ କାହିଁକି ଅଯଥାରେ ଭୀମଙ୍କୁ ମାରି ପାପ ମୁଣ୍ଡାଇବେ ? ଶ୍ରୀକୃଷ୍ଣଙ୍କ କଥା ଶୁଣିବା ପରେ ବଳରାମଙ୍କ କ୍ରୋଧ ଶାନ୍ତ ହୋଇଥିଲା।

ବଳଭଦ୍ରଙ୍କୁ ସମର୍ପିତ ଅନେକ ମନ୍ଦିର ମଧ୍ୟରୁ ପ୍ରସିଦ୍ଧ ହେଉଛି ତୁଳସୀକ୍ଷେତ୍ର ବା ଆଧୁନିକ କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଦେବ ଜୀଉ ମନ୍ଦି। ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଶ୍ରୀବଳଦେବଜୀଉଙ୍କ ସହିତ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏହି ମନ୍ଦିରରେ ବଳଭଦ୍ରଙ୍କୁ ବଡ଼ ଠାକୁର ଭାବେ ପୂଜା କରାଯାଉଥିବାରୁ ଏହାର ଲୋକପ୍ରିୟତା ଅଧିକ। ବଳଦେବଜୀଉ ମନ୍ଦିରରେ ପୁରୀ ଶ୍ରୀମନ୍ଦିର ଭଳି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀବଳଦେବ ବ୍ରହ୍ମତାଳଧ୍ୱଜ ରଥରେ ବିରାଜମାନ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ଷତମାମ ଏଠାରେ ଶ୍ରୀବଳଦେବଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ଏଠାରେ ଦେବୀ ତୁଳସୀଙ୍କୁ ମଧ୍ୟ ପୂଜା କରାଯାଇଥାଏ।

ଶ୍ରୀବଳଦେବଜୀଉ ମନ୍ଦିର ବ୍ୟତୀତ ରାଜଧାନୀ ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର, ପୁରୀ ଶ୍ରୀକ୍ଷେତ୍ରରେ ମଧ୍ୟ ଶ୍ରୀବଳଭଦ୍ରଙ୍କୁ ପୂଜା କରାଯାଇଥାଏ। ଓଡ଼ିଶାର ଅନ୍ୟ ଅଞ୍ଚଳରେ ମଧ୍ୟ ବଳଭଦ୍ରଙ୍କୁ ସମର୍ପିତ ମନ୍ଦିର ଦେଖିବାକୁ ମିଳିଥାଏ। ଏହାଛଡ଼ା ପଞ୍ଜାବର ନୱାନ୍‌ସହରରେ ଥିବା ବଲିୟାନା ମନ୍ଦିର ମଧ୍ୟ ଶ୍ରୀବଳରାମଙ୍କୁ ସମର୍ପିତ ବୋଲି ଜଣାଯାଏ।

ମହାଗ୍ରନ୍ଥ ମହାଭାରତରେ ବଳରାମଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ହରିବଂଶ ପୁରାଣ, ଭାଗବତ ଏବଂ ଅନ୍ୟ ପୁରାଣରେ ତାଙ୍କୁ ବ୍ୟୁହ ଅବତାର ଶଂକର୍ଷଣ ଭାବେ ବର୍ଣ୍ଣନା କରାଯାଇଛି। ଶେଷନାଗଙ୍କ ଅବତାର ବଳରାମ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଅନୁଜ ଲକ୍ଷ୍ମଣଙ୍କ ରୂପରେ ଅବତାର ନେଇଥିଲେ ବୋଲି କେତେକ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ମହାଭାରତରେ ମହାମୁନି ବ୍ୟାସଦେବ ବର୍ଣ୍ଣନା କରିଛନ୍ତି ଯେ ଅନ୍ତିମ ସମୟ ଆସିବାରୁ ଭଗବାନ ବଳରାମ ଏକ ବୃକ୍ଷ ମୂଳରେ ଧ୍ୟାନରେ ବସିଲେ। ଏହାପରେସେ ଏକ ଧଳା ସର୍ପରେ ପରିଣତ ହୋଇଗଲେ। ଏହି ସର୍ପ ଅତ୍ୟନ୍ତ ବିଶାଳ ତଥା ଏକାଧିକ ଫଣା ବିଶିଷ୍ଟ ଥିଲା। ଏହାପରେ ବଳରାମ ସମୁଦ୍ରରେ ପ୍ରବେଶ କରିଯାଇଥିଲେ। ଏହି ଘଟଣାରୁ ବଳରାମ ଶେଷନାଗଙ୍କ ଅବତାର ଥିଲେ ବୋଲି ବିଶ୍ୱାସ କରାଯାଏ। ଦ୍ୱାପର ଯୁଗରେ ସେ ବଳରାମ, ତ୍ରେତୟା ଯୁଗରେ ସେ ଲକ୍ଷ୍ମଣଙ୍କ ରୂପରେ ଜନ୍ମ ନେଇଥିବା ଅନେକ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ସେହିପରି କଳିଯୁଗରେ ସେ ମହର୍ଷି ପତଞ୍ଜଳିଙ୍କ ରୂପରେ ଅବତାର ନେଇଥିବା କୁହାଯାଏ। ପତଞ୍ଜଳୀ ଯୋଗଶାସ୍ତ୍ର ବିଷୟରେ ପ୍ରଥମ ପୁସ୍ତକ ରଚନା କରିଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦



## ରାକ୍ଷୀ ସମ୍ପର୍କ ସୂତା ଖିଏ

### ସୁନନ୍ଦା ମହାନ୍ତି

ରାକ୍ଷୀ ଏକ ସୂତା ପରି ଦିଶୁଥିବା
ସମ୍ପର୍କର ଡୋର
ରାକ୍ଷୀ ଏକ ତାରାଫୁଲ
ଆକାଶ ଉଆସୁ ଆସିଛି
ଭାଇ ହାତେ ବାନ୍ଧି ଭଉଣୀ ଉଷସୀ
ମାଗେ ପାରିଶ୍ରମିକ
ଚନ୍ଦନ ତୁଳସୀ
ଲେଖିଦେବ ରାକ୍ଷୀ ଗୋଟି ଓଁରେ
ଆଖିରେ ଦିଶିବ ଝଲସି
ଭଉଣୀ ସୀତା ସୁଭଦ୍ରା ସତୀ କି ପାର୍ବତୀ
ଭାଇ ନିଶ୍ଚୟ ସେହି କୃଷ୍ଣ
ଯିଏ ଦେଇପାରେ ବସ୍ତ୍ର ଭୂଷଣମାନ
ରକ୍ଷାକାର ହୋଇ ରକ୍ଷାକରନ୍ତି ସେହି
ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦେଇ
ସୀତାଙ୍କୁ ବାଲ୍ମୀକି ଆଶ୍ରମେ ଛାଡ଼ି ଦେଇ
ସତୀଙ୍କୁ ଥରକୁ ଥର ଜିଆଇ
ପାର୍ବତୀ ହିଁ ସତୀ
ରାକ୍ଷୀ ପିନ୍ଧିବା ପିନ୍ଧେଇବା ଭାବ ଓ ଭକ୍ତି
ସୁଭଦ୍ରାଙ୍କୁ ବସାଇ ହେଉଛି କେତେ ନୀତି କାନ୍ତି
ଏସବୁ ଏଇ ରାକ୍ଷୀର କରାମତି
ହରି କୁହ ହର ଭଉଣୀ ବେଭାର ପାଇ
ଚନ୍ଦନ ଚର୍ଚ୍ଚିତ ହୋଇ
ଉଭା ହୋଇ ଦିବ୍ୟକାନ୍ତି ପ୍ରକାଶନ୍ତି
ଭଉଣୀ ନାମେ ଓଁ ଶାନ୍ତି ଓଁ ଶାନ୍ତି
ତା ସଙ୍ଗେ ପ୍ରୀତି ମୈତ୍ରୀ
ଚୁମୁକି କୁହ ମାଳି ଜରି ଫୁଲ
ସବୁ ଭାଇ ଭଉଣୀ ଭିତର ଶାଶ୍ୱତ ପୀରତି
ଝଟକନ୍ତି ସତେ ଦିବ୍ୟକାନ୍ତି।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ରାକ୍ଷୀ ବିଶ୍ୱାସର ମୂକସାକ୍ଷୀ...

### ରାମଚନ୍ଦ୍ର ବେହେରା

ଶ୍ରାବଣ ପୁନେଇଁ ପବିତ୍ର ତିଥିରେ
ଆସଇ ରକ୍ଷା ବନ୍ଧନ
ରେଶମ ସୂତାର ରାକ୍ଷୀ ଯୋଡିଦିଏ
ଭାଇ ଭଉଣୀର ମନ।
ଅତି ଶରଧାରେ ଭଉଣୀ ବାନ୍ଧଇ
ଭାଇ ହାତେ ପୁଣ୍ୟ ରାକ୍ଷୀ
ମସ୍ତକେ ଲଗାଇ ଚନ୍ଦନ ସିନ୍ଦୁର
କରଇ ଧୂପ ଆଳତି।
ଭାଇର ଜୀବନେ ନଆସୁ ବିପତ୍ତି
ଶୁଭ ମନାସେ ମନରେ
ତା'ର ଦୁଃସମୟେ ସାହା ହେବା ପାଇଁ
ଭାଇକୁ ପ୍ରାର୍ଥନା କରେ।
ଶ୍ରଦ୍ଧାର ପ୍ରତୀକ ଉପହାରଟିଏ
ଭଉଣୀର ହାତେ ଦେଇ
ତା' ରକ୍ଷା କବଚ ସାଜିବ ଜୀବନେ
ପ୍ରତିଶୃତି ଦିଏ ଭାଇ।
ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଂକ ହାତେ ପାଂଚାଳୀ
କୋଟି ବସ୍ତ୍ର ଦେଇ ସତୀ ଦ୍ରୌପଦୀଂକୁ
ରକ୍ଷାକଲେ ଚକ୍ରଧାରୀ।
ସୁଭଦ୍ରା ଭଉଣୀ ବାନ୍ଧିଥାନ୍ତି ରାକ୍ଷୀ
କାଳିଆ ବଳିଆ ହାତେ
ଖୁସିହୋଇ ପ୍ରଭୁ ଗେହ୍ଲା ଭଉଣୀକୁ
ନେଇଥାନ୍ତି ରଥ ଯାତେ।
ରଂଗ ବେରଂଗର ରେଶମ ଡୋରୀଟି
ବିଶ୍ୱାସର ମୂକସାକ୍ଷୀ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ବାନ୍ଧି ରଖିଥାଏ ରାକ୍ଷୀ।
ରାକ୍ଷୀ ପୁନେଇଁରେ ଗୋ'ମାତାଂକ ପୂଜା
କରିଥାନ୍ତି ସର୍ବ ଜନେ
ସ୍ନେହ ଶ୍ରଦ୍ଧା ଭରା ପବିତ୍ର ଦିନଟି
ଖୁସି ଭରିଦିଏ ମନେ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ଆମ ପରମ୍ପରାରେ ରକ୍ଷାବନ୍ଧନ

ବୈଷ୍ଣବ ମେହେର

ମଣିଷ ନିଜ ଜୀବନକାଳ ମଧ୍ୟରେ ଯେତେ ସବୁ ସଂପର୍କରେ ଆସିଥାଏ, ସେହିସବୁ ସଂପର୍କ ମଧ୍ୟରୁ ଭାଇଭଉଣୀଙ୍କ ସଂପର୍କ ସବୁଠୁ ପବିତ୍ର ଓ ଅନନ୍ୟ । ଏହି ସଂପର୍କ ମଧ୍ୟରେ କେବଳ ଅଜସ୍ର ଅନାବିଳ ଭଲପାଇବା ଖୁନ୍ଦି ହୋଇ ରହିନାହିଁ ବରଂ ଏ ସଂପର୍କର ବିଶ୍ୱସନୀୟତା ସବୁ ସଂପର୍କର ଉର୍ଦ୍ଧ୍ୱରେ । ଭାଇଭଉଣୀର ସଂପର୍କ ଭିତରେ ହିଁ ଥାଏ ସର୍ତ୍ତହୀନ ଭଲ ପାଇବା । ଏ ସଂପର୍କର ଆବେଗ, ଭାବାବେଗ ସର୍ବୋପରି ପରସ୍ପର ପ୍ରତି ଥିବା ସମ୍ବେଦନଶୀଳତା ଜୀବନର ଶେଷ ମୁହୂର୍ତ୍ତ ଯାଏଁ ଅତୁଟ ଥାଏ । ବାପା ମାଆ' ଆରପାରିକୁ ଚାଲିଗଲା ପରେ ବାପ ଘର ସହ ଝିଅର ସଂପର୍କ ଶେଷ ହୋଇଯାଏ ନାହିଁ ବରଂ ସେହିଠାରୁ ଭଉଣୀ ପ୍ରତି ଭାଇର ଦାୟିତ୍ୱ ଆହୁରି ବଢ଼ିଯାଏ।

ଭାଇ ଭଉଣୀର ସଂପର୍କ ନିଶ୍ଚିତ ଏକ ଅନୁପମ ଭାବର ବନ୍ଧନ । ନିଷ୍କପଟ ଓ ନିସ୍ୱାର୍ଥପରତା ସହ କେବଳ ପରସ୍ପର ପ୍ରତି ସହଯୋଗ ପାଇଁ ନୁହଁ ବରଂ ଉତ୍ସର୍ଗୀକୃତ ଚିନ୍ତା, ଚେତନାର ପରିପ୍ରକାଶ ହିଁ ଏ ସଂପର୍କ ମଧ୍ୟରେ ସଦା ଜାଜ୍ୱଲ୍ୟମାନ । ଶାନ୍ତି, ସନ୍ତୋଷ ଆଉ ସୌହାର୍ଦ୍ଦ୍ୟତା ଭିତରେ ଭାଇଭଉଣୀର ସଂପର୍କ ଥାଏ ସଦା ସତେଜ, ସବୁଜ ଓ ଶାଶ୍ୱତ । ଭାଇ ଭଉଣୀର ମଧୁର ସଂପର୍କକୁ ଅଧିକ ଦୃଢ଼ିଭୂତ କରିଥାଏ ରକ୍ଷା ବନ୍ଧନ ପର୍ବ । ଏହିଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧି ତାର ଉଜ୍ଜଳ ଭବିଷ୍ୟତର କାମନା କରିଥାଏ । ଅପରପକ୍ଷେ ଭାଇ ମଧ୍ୟ ପ୍ରତ୍ୟେକ ସ୍ଥିତିରେ ଭଉଣୀକୁ ସୁରକ୍ଷା ଦେବାର ସଙ୍କଳ୍ପ କରିଥାଏ । ରାକ୍ଷୀ ଏକ ସାଧାରଣ ସୂତା ନୁହଁ ! ଏହା ଭାଇର ରକ୍ଷାସୂତ୍ର ହୋଇଥାଏ । ରକ୍ଷାବନ୍ଧନକୁ ନେଇ ଅନେକ ପୌରାଣିକ ଓ ଐତିହାସିକ ପ୍ରସଙ୍ଗ ରହିଛି ଯାହା ଏହି ପର୍ବର ମହତ୍ୱକୁ ପ୍ରତିପାଦିତ କରିଥାଏ । ଥରେ ଦେବତା ଓ ଅସୁର ମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ଅସୁରମାନେ ବିଜୟୀ ହୋଇ ଥିଲେ । ଯୁଦ୍ଧ ଜିତିବା ପରେ ଅସୁର ମାନେ ଦେବରାଜ ଇଂଦ୍ରଙ୍କ ସିଂହାସନ ଅକ୍ତିଆର କରି ନେଲେ । ଅସୁରଙ୍କ ଠାରୁ ସିଂହାସନ ଫେରି ପାଇବାକୁ ଦେବରାଜ ଇଂଦ୍ର କୌଣସି ଉପାୟ ନ ପାଇ ଶେଷରେ ବୃହସ୍ପତିଙ୍କୁ ସାହାଯ୍ୟ ପାଇଁ ଗୁହାରି କରିଥିଲେ । ଗୁରୁ ବୃହସ୍ପତି ଏକ ବିଧାନ କରିବାକୁ ଦେବରାଜଙ୍କୁ କହିଥିଲେ । ଏବଂ ଏହି ବିଧାନ ପ୍ରକ୍ରିୟା ଚାଲିଥିବା ବେଳେ ଗୁରୁ ବ?ହସ୍ପତି ବିଧି ଅନୁଯାୟୀ ଗୋଟିଏ ରକ୍ଷା ସୂତ୍ର ତିଆରି କରି ଏହାକୁ ଇଂଦ୍ରଙ୍କ ଡାହାଣ ହାତରେ ବାନ୍ଧି ଦେଲେ । ଏହି ସୂତ୍ର ବାନ୍ଧିବା ପରେ ଦେବରାଜ ଇଂଦ୍ର ବହୁତ ଶକ୍ତିଶାଳୀ ହୋଇଗଲେ, ଫଳରେ ପୁଣି ଅସୁର ମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାଜିତ କରି ନିଜ ସିଂହାସନ ଫେରି ପାଇବାରେ ସକ୍ଷମ ହେଲେ । ଗୁରୁ ବ?ହସ୍ପତି ଇଂଦ୍ରଙ୍କ ପାଇଁ ରକ୍ଷା ବିଧାନର ସଂସ୍କାର ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ କରିଥିବାରୁ ସେହି ଦିନ ଠାରୁ ଏହି ତିଥିରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଇ ଆସୁଛି ।



ଏମିତିରେ ଦେଖିବାକୁ ଗଲେ ଭାଇଭଉଣୀଙ୍କ ଭିତରେ ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ସବୁ ସ୍ଥିତି ପାଇଁ ରହିଛି । ତଥାପି ରକ୍ଷା ବନ୍ଧନର ଧାର୍ମିକ ମହତ୍ୱ ଓ ଐତିହାସିକ ଗୁରୁତ୍ୱ ଏହି ଦିବସର ପ୍ରାସଙ୍ଗିକତାକୁ ଅଧିକ ବ୍ୟାପ୍ତ କରିଥାଏ । ଅନ୍ୟ ଏକ ପୌରାଣିକ କଥାବସ୍ତୁ ଅନୁଯାୟୀ ବିଷ୍ଣୁଙ୍କ ପରମ ଭକ୍ତ ଅସୁରରାଜ ବଳି ଉପରେ କୌଣସି ବିପଦ ଯେପରି ନ ଆସେ, ସେଥି ସକାଶେ ଭଗବାନ ବିଷ୍ଣୁ ବୈକୁଣ୍ଠପୁର ତ୍ୟାଗ କରି ବଳିର ରାଜ ପ୍ରାସାଦରେ ରହିବାକୁ ଲାଗିଲେ । ଏଣେ ବିଷ୍ଣୁଙ୍କ ଅନ୍ୟତ୍ର ରହିବାକୁ ମହାଲକ୍ଷ୍ମୀ ଆଦୌ ଚାହିଁଲେ ନାହିଁ । ତେଣୁ ଦିନେ ମାଁ ଲକ୍ଷ୍ମୀ ବାହ୍ମଣୀ ବେଶରେ ବଳିକୁ ସାକ୍ଷାତ କରି ଏମିତି ଏକ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଥିଲେ । ଏହା ପରେ ଭାଇ ହିସାବରେ ଭଉଣୀ ଲକ୍ଷ୍ମୀଙ୍କ ଇଚ୍ଛାକୁ ପୂରଣ କରିବାକୁ ଯାଇ ବଳି ଭଗବାନ ବିଷ୍ଣୁଙ୍କୁ ବୈକୁଣ୍ଠ ପୁରରେ ରହିବାକୁ ଅନୁରୋଧ କରିଥିଲେ । ରକ୍ଷାବନ୍ଧନ ଅବସରରେ ମହାଭାରତର ଦ୍ରୋପଦୀ ଓ ଶ୍ରୀକୃଷ୍ଣ ପ୍ରସଙ୍ଗ ମଧ୍ୟ ବେଶ ଦୃଷ୍ଟି ଆକର୍ଷଣ କରେ । ଶିଶୁପାଳକୁ ବଧ କରିବା ବେଳେ କୃଷ୍ଣଙ୍କ ଅଙ୍ଗୁଳି କଟି ଯାଇ ରକ୍ତ ବାହାରିଥିଲା । ଏହା ଦେଖି ଦ୍ରୋପଦୀ ନିଜ ପିନ୍ଧା ଶାଢ଼ୀ କୁ ତୁରନ୍ତ ଚିରି ଶ୍ରୀକୃଷ୍ଣଙ୍କ କଟା ଅଙ୍ଗୁଳିରେ ବାନ୍ଧି ଦେଇଥିଲେ । ଫଳରେ ରକ୍ତ ବୋହିବା ବନ୍ଦ ହୋଇଗଲା । ଏହାପରେ କୁରୁସଭା ମଧ୍ୟରେ କୌରବମାନେ ଦ୍ରୋପଦୀଙ୍କୁ ବିବସନା କରୁଥିବା ବେଳେ ଶ୍ରୀକୃଷ୍ଣ ଜଣେ ଭାଇର କର୍ତ୍ତବ୍ୟ ପାଳନ କରି କୋଟି ବସତ୍ର ଦାନ କରି ଦ୍ରୋପଦୀଙ୍କ ସମ୍ମାନ ରକ୍ଷା କରିଥିଲେ ।

ଆମେ ଯଦି ଇତିହାସ ପୃଷ୍ଠାକୁ ଦେଖିବା ତେବେ ରାଜା ପୁରୁଙ୍କ ଠାରୁ ବିଶ୍ୱବିଜୟୀ ଆଲେକଜାଣ୍ଡାର ପରାସ୍ତ ହେଲା ପରେ ଆଲେକଜାଣ୍ଡାରଙ୍କ ପତ୍ନୀ ରୁକ୍ସାନା, ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରି ତାଙ୍କୁ ଭାଇର ପ୍ରସ୍ତାବ ଦେଇଥିଲେ । ରାଜା ପୁରୁ ମଧ୍ୟ ଏହାକୁ ଉଦାର ହୃଦୟରେ ଗ୍ରହଣ କରି ରୁକ୍ସାନା ଙ୍କୁ ଭଉଣୀ କରିନେଲେ । ଆଉ ଏକ ଐତିହାସିକ ଘଟଣା ଯାହା ରାକ୍ଷୀର ମହତ୍ୱକୁ ଅଧିକ ବଢ଼ାଇ ଦିଏ । ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବା ପରେ ସେତେବେଳର ସୁଲତାନ ବାହାଦୁର ଶାହାଙ୍କୁ ପ୍ରତିହତ କରିବା କଷ୍ଟକର ଜାଣି, ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଥିଲେ । ହୁମାୟନ ମଧ୍ୟ ଏହି ରାକ୍ଷୀରେ ଭଉଣୀର ଅପାର ସ୍ନେହକୁ ଅନୁଭବ କରି ଚିତୋରର ସୁରକ୍ଷା ଭାର ନିଜ କାନ୍ଧକୁ ନେଇ ଥିଲେ । ଆଉ ଏକ ଘଟଣାରେ ଥରେ ଇଂରେଜ ସୈନ୍ୟଙ୍କୁ ଚକମା ଦେଇ ପଳାଇ ଯାଉଥିବା ଚଂଦ୍ରଶେଖର ଆଜାଦ ହଠାତ ଜଣେ ବିଧବା ଙ୍କ ଘରେ ପଶିଗଲେ। ସେଠାରେ ଆଜାଦ ଜାଣିବାକୁ ପାଇଲେ ଯେ, ଗରିବୀ କାରଣରୁ ବିଧବା ଜଣକ ନିଜ ଝିଅକୁ ବିବାହ ଦେଇ ପାରୁ ନାହାନ୍ତି । ତେଣୁ ଆଜାଦ ବୃଦ୍ଧାଙ୍କୁ ଅନୁରୋଧ କଲେ ଯେ, ସେ ଯଦି ତାଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦିଅନ୍ତି ତେବେ ସେ ପାଂଚ ହଜାର ଟଙ୍କା ପୁରସ୍କାର ପାଇ ଆରାମରେ ଝିଅର ବିବାହ କରାଇ ପାରିବେ । ଏକଥା ଶୁଣି ବିଧବା ଜଣକ କାନ୍ଦିବାକୁ ଲାଗିଲେ ଏବଂ ଆଜାଦଙ୍କୁ କହିଲେ ଭାଇ ତୁମେ ଦେଶ ସ୍ୱାଧୀନ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛ । ଆମ ଭଳି କୋଟି କୋଟି ଲୋକ ତୁମ ଭରସାରେ ବଂଚିଛନ୍ତି । ତେଣୁ ତୁମକୁ ଧରାଇ ଦେଇ ସେହି ନିଷ୍ଠୁର ଇଂରେଜ ମାନଙ୍କ ଟଙ୍କାରେ ମୁଁ କିପରି ମୋ ଝିଅର ବାହା କରାଇବି ? ଏହା କହି ବିଧବା ମହିଳା ଏକ ସୂତା ଆଜାଦଙ୍କ ହାତରେ ବାନ୍ଧି ଦେଇ ଦେଶ ମାତୃକାର ସେବା ପାଇଁ ପ୍ରେରିତ କରିଥିଲେ । ଆର ଦିନ ଆଜାଦ ସେହିଘରୁ ଚାଲିଗଲେ ସିନା ଗଲା ବେଳେ ତକିଆ ତଳେ ପାଂଚ ହଜାର ଟଙ୍କା ସହ ଗୋଟିଏ ଧାଡ଼ିର ଚିଠି ଖଣ୍ଡେ ଲେଖି ଯାଇଥିଲେ । ଚିଠିରେ ଲେଖା ଥିଲା ' ପ୍ରିୟ ଭଉଣୀ, ରାକ୍ଷୀ ବନ୍ଧା ଭେଟି ସ୍ୱରୂପ ଏହାକୁ ଗ୍ରହଣ କର' ।

ଆଧ୍ୟାତ୍ମିକ, ଐତିହାସିକ, ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିକୋଣରୁ ରକ୍ଷାବନ୍ଧନ ପର୍ବର ମହତ୍ୱ ଅତ୍ୟନ୍ତ ହୃଦୟସ୍ପର୍ଶୀ ମନେ ହୁଏ । ଭାଇଭଉଣୀର ଅନାବିଳ ସ୍ନେହ ର ନିଦର୍ଶନ ମାଧ୍ୟମରେ ଏହି ପର୍ବ ସମାଜରେ ଏକ ସୁସ୍ଥ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରିରେ ଯୁଗଯୁଗ ଧରି ସହାୟକ ହୋଇଛି। ବର୍ତ୍ତମାନର ବିଷମ ଓ ବିଶୃଙ୍ଖଳ ପରିସ୍ଥିତିରେ ଭାଇଭଉଣୀର ଏହି ପବିତ୍ର ବନ୍ଧନକୁ ବିଶ୍ୱର ପ୍ରତି କୋଣ ଅନୁକୋଣରେ ପ୍ରତ୍ୟେକ ବର୍ଗର ଲୋକ ଯଦି ଆପଣେଇ ନେଇ ପାରିବେ ତେବେ ଆଗକୁ ମାନବ ସମାଜ ମଧ୍ୟରେ ପରସ୍ପର ପ୍ରତି ପ୍ରେମ ଓ ସହଯୋଗ ଭାବ ସୃଷ୍ଟି ହେବା ସହଜ ହେବ।

ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# ଓଡ଼ିଆ ଫିଲ୍ମରେ ରାକ୍ଷୀ

ନାଟ୍ୟ ସାରଥି ଅଭୟ କୁମାର ଦାସ

ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା।

ରୂପେଲି ପରଦାରେ ବି ସୁନ୍ଦର ଚିତ୍ରଣ ରହିଛି ଏହି ଉତ୍ସବର। ବିଶେଷକରି ସର୍ବଭାରତୀୟ ଆବେଦନ ଥିବା ହିନ୍ଦୀ ଫିଲ୍ମରେ ଏହାର ସୁନ୍ଦର ଚିତ୍ରଣ ରହିଛି। ସେ ''ରେଶମ୍ କୀ ଡୋରି'' ର ବେହେନାନେ ଭାଇ କି କଲାଇ ସେ ପ୍ୟାର ବାନ୍ଧା ହେଁ ଗୀତ ହୋଇପାରେ, ହୋଇପାରେ ''କାଜଲ'' ଫିଲ୍ମର ମେରେ ଭୈୟା ମେରେ ଚନ୍ଦା, ''ବେଇମାନ'' ଫିଲ୍ମର ୟେ ରାଖୀ ବନ୍ଧନ ହେଁ ଐସା, ''ଛୋଟି ବହନ''ର ଭୈୟା ମେରେ ରାଖୀ କେ ବନ୍ଧନ କିମ୍ବା ''ରାଖୀ ଔର ହାତକଡ଼ି'', ''ଅନପଢ'' ଓ ''ରାଖୀ''। କାଳେ କାଳେ ଏହି ଫିଲ୍ମର ଆଦର ରହିଛି, ହୃଦୟ ଛୁଇଁଛି ତାର ରାଖୀଗୀତ। ଆଜି ବି ରାଖୀକୁ ନେଇ ପ୍ରସ୍ତୁତ ହେଉଛି ଫିଲ୍ମ ଗୀତ। ଏଥିପ୍ରତି ଆକର୍ଷଣ ମଧ୍ୟ ରହୁଛି। ଆଞ୍ଚଳିକ ଫିଲ୍ମ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ୧୯୮୯ରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ ଦ୍ୱାରା ନିର୍ମିତ ସୁପରହିଟ୍ ଓଡ଼ିଆ ଫିଲ୍ମ ''ଚକାଆଖି ସବୁ ଦେଖୁଛି''ରେ ରାଖୀର ଏକ ସୁନ୍ଦର ଉପସ୍ଥାପନା ଥିଲା। ଗୀତଟି ଥିଲା ରାଖୀରେ ରାଖୀ ତୁ ରହିଲୁ ସାକ୍ଷୀ। ଏହି ଫିଲ୍ମର ରାଖୀ ଦୃଶ୍ୟରେ ତତ୍କାଳୀନ ବ୍ୟସ୍ତ ନାୟକ ଶ୍ରୀରାମ ପଣ୍ଡା, ଉତ୍ତମ ମହାନ୍ତି ଓ ଗୋପା ବିଶ୍ୱାସ ସୁନ୍ଦର ଅଭିନୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଦେଖାଗଲା ଭାଇ ହାତରେ ରାଖୀ ବାନ୍ଧିବାକୁ ଯାଇ ଭଉଣୀ ଦେଖିଲା ଭାଇର ହାତଟି ନାହିଁ। ଏ ଦୃଶ୍ୟ ମଧ୍ୟ ଖୁବ୍ ପ୍ରଭାବ ପକାଇଥିଲା ଦର୍ଶକଙ୍କ ଉପରେ। ରାଖୀ କନ୍ଦାଇ ଦେଲା ବୋଲି ସେତେବେଳେ ମତାମତ ଶୁଭିଥିଲା। ଏହା ବ୍ୟତୀତ ''ରାଖୀ ଭିଜିଗଲା ଆଖି ଲୁହରେ'', ''କାଳଚକ୍ର'', ''ବିଧାତା'', ''ରାଖୀ ବାନ୍ଧିଲି ମୋ ରଖିବ ମାନ'' ଓ ''ଶୁଭ ବିବାହ'' ଫିଲ୍ମରେ ରାଖୀର ସୁନ୍ଦର ଦୃଶ୍ୟ ସଂଯୋଜିତ ହୋଇଥିଲା। ଭାଇ ଭଉଣୀଙ୍କ ସ୍ନେହବୋଳା ସଂପର୍କର ବିଷୟବସ୍ତୁ ଥିଲା ରାଖୀ ଭିଜିଗଲା ଆଖି ଲୁହରେ ଫିଲ୍ମରେ। ରାଖୀ ବାନ୍ଧିଲି ମୋ ରଖିବ ମାନରେ ବି ଥିଲା ଭାଇ ଭଉଣୀଙ୍କର ଅନାବିଳ ସ୍ନେହ, ପ୍ରେମର ଦୃଶ୍ୟ। ଏମିତି ଭଉଣୀକୁ ରକ୍ଷା କରୁଛି ଭାଇର ରାଖୀ ବନ୍ଧା କଟାହାତ। ବିଧାତାରେ ଚାକିରି ସନ୍ଧାନୀ ଭାଇକୁ ଭଉଣୀ ମିଠା ଖୁଆଇ ଶୁଭ ମନାସୁଛି, ବାନ୍ଧିଦେଉଛି ରାଖୀ। ଆଉ କାଳଚକ୍ରରେ ଭଉଣୀ ଭାଇମାନଙ୍କ ସହିତ ମନଖୋଲା ନୃତ୍ୟ ଗୀତ ପରିବେଷଣ କରୁଛି। ସେହିଭଳି ଶୁଭ ବିବାହର ରାଖୀ ଦୃଶ୍ୟ ମଧ୍ୟ ସ୍ମରଣୀୟ। ଭାଇର ଅନୁପସ୍ଥିତିରେ ରାଖୀ ରଖାଯାଇଛି ତାଙ୍କ ଫଟୋ ପାଖରେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭଉଣୀ ନାୟକ ହାତରେ ବାନ୍ଧିଛି ରାଖୀ। କହିହେବ ଫିଲ୍ମରେ ରାଖୀ ଦୃଶ୍ୟ ଦର୍ଶକଙ୍କୁ ପ୍ରଭାବିତ କରିଥିଲା, କରୁଛି। ତାପରେ ଏହାଦ୍ୱାରା ଏକ ସଂସ୍କୃତିର ସୁରକ୍ଷା ହୋଇପାରୁଛି। ତେଣୁ ଆଜି ବି ତାର ଦୃଶ୍ୟାୟନ ହେବା ଉଚିତ। କାହାଣୀ ବିନ୍ୟାସ ବେଳେ ଆପଣା ସଂସ୍କୃତି ପରମ୍ପରାର ମହକ ପ୍ରତି ଧ୍ୟାନ ଦିଆଯିବା ଉଚିତ। ରାଖୀ ଏକ ମହାଭାରତୀୟ ସ୍ରୋତ। ତେଣୁ ସୀମା ସରହଦ ଡେଇଁ ଏହା ବ୍ୟାପିଛି ଅଞ୍ଚଳରୁ ଅଞ୍ଚଳକୁ। ପୁନଶ୍ଚ ଆଞ୍ଚଳିକ ଫିଲ୍ମରେ ପାରିବାରିକ କଥାବସ୍ତୁ ସହ ଦେଖିବାକୁ ମିଳେ ଆପଣା କଳା ସଂସ୍କୃତି, ପର୍ବପର୍ବାଣୀ ଓ ଯାତ୍ରାର ଉପସ୍ଥାପନା। ଯାହା ଗୋଟିଏ ଅଞ୍ଚଳରେ ସାଂସ୍କୃତିକ ଚିତ୍ର ପ୍ରଦାନ କରିବା ସହତ ଉତ୍ତର ପିଢ଼ି ଓ ବିଭିନ୍ନ ଭାଷାଭାଷୀ ଦର୍ଶକଙ୍କୁ ଏହା ସହିତ ପରିଚିତ କରାଇଥାଏ।

ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

## ସୁରକ୍ଷା ବନ୍ଧନ

କ୍ଷିତୀଶ ଜେନା

ଆଜି ପ୍ରାୟ ଅଫିସ୍ ଗୁଡ଼ିକ ବନ୍ଦ
ସମସ୍ତେ ଅଛନ୍ତି ଘରେ
ସବୁରି ମନରେ ଅମାପ ଆନନ୍ଦ ।
ଗାଁ ଦାଣ୍ଡରେ ଚାଲି ଗଲେ
ପ୍ରତିଘରୁ ଭାସି ଆସେ
ଖିରିପିଠାର ମହକ
ଭଉଣୀଟି ଚାକିରିରେ ଥିଲେ
ଅଥବା ଶାଶୁଘରେ
ଫେରିଆସେ ଭାଇର ପାଖକୁ
ପରସ୍ପରକୁ ଦେଖି
ସତେ ଅବା ଭୁଲିଯାଆନ୍ତି
ଭୋକ ତଥା ଅନ୍ତରର ଶୋକ ।
ନଈତୁଠରେ ଦେଖିବାକୁ ମିଳେ
ବଳଦଗାଈଙ୍କୁ ଗାଧୋଇଦେବାର ଦୃଶ୍ୟ
ଗୁହାଳ ଘରେ ଭକ୍ତି ଭରେ
କରନ୍ତି ଗୋପୂଜନ
ଯେହେତୁ ଆଜି ମହାପ୍ରଭୁ
ବଳଭଦ୍ରଙ୍କ ଶୁଭ ଜନ୍ମଦିନ ।
ମିଠା ଦୋକାନରେ ଏତେ ଭିଡ଼ ଯେ
ପଶି ହୁଏନାହିଁ ଭିତରକୁ
ଦୋକାନୀର ଫୁରସତ୍ ନଥାଏ
ମିଠା ଦେଇ ପଇସା ରଖିବାକୁ ।
ଦୂବ, ବରକୋଳି ପତ୍ର,ଅରୁଆ ଚାଉଳ
ଦୀପ, ମିଠା, ଫୁଲ ଓ ଚନ୍ଦନରେ
ଭଉଣୀଟି ଥାଳିକୁ ସଜେଇ
ଆଦରରେ ଭାଇକୁ ତା'ର
ଦିଏ ବନ୍ଦେଇ
ଭାଇ ହାତରେ ବାନ୍ଧିଦିଏ
ଭଉଣୀର ସୁରକ୍ଷା ବନ୍ଧନ
ଏବଂ ମନାସଇ ଭାଇର
ଦୀର୍ଘାୟୁ ଜୀବନ
ଦେବୀ ସୁଭଦ୍ରାଙ୍କର ଖୁସି ଆଜି ମନ
ଭାଇ ଜଗାବଳିଆଙ୍କ ହାତରେ
ସେ ମଧ୍ୟ ବାନ୍ଧିବେ ରାକ୍ଷୀ
ବର୍ଷକୁ ଥରେ ଆସେ ଭାଇ ଭଉଣୀଙ୍କ ପାଇଁ
ଏଭଳି ପବିତ୍ର ଦିନ
ରାକ୍ଷୀ ବନ୍ଧନ ।

+କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ: ୭୮୭୩୫୧୦୦୨୭



# ରାକ୍ଷୀ ପୂର୍ଣ୍ଣିମା

ଅକ୍ଷୟ କୁମାର ରାଉତ



ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣିମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ  ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ ।

ରାକ୍ଷୀ ବନ୍ଧନ ସର୍ମ୍ପକରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସର୍ମ୍ପକକୁ ଅତୁଟ ରଖିଥିଲେ ।

ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ  ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୁରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ ।

ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରଷ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି ।

ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ ।  ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା  କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ ।            ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା,  ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର  ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ  ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପାର୍ଥକ୍ୟ...

ଅସାଧାରଣ ସାହସ– ଯେ କୌଣସି ମଣିଷର ଏଇ ଗୁଣଟି ସମସ୍ତଙ୍କୁ ପ୍ରଭାବିତ କରିଥାଏ। ଆଉ ଏହା ଖୁବ୍ କମ୍ ଲୋକଙ୍କଠାରେ ଦେଖା ଯାଇଥାଏ । ଏ ସମ୍ପର୍କରେ ବିକ୍ରମାଦିତ୍ୟଙ୍କ କାହାଣୀ ଉଣା ଅଧିକେ ସମସ୍ତଙ୍କର ମନେ ଥବ– କିପରି ସମସ୍ତ ଦୈବୀ ଶକ୍ତି ତାଙ୍କୁ ଛାଡ଼ି ଚାଲି ଯାଉଥିଲେ ସୁଦ୍ଧା ସେ କାହାକୁ ଅଟକାଉ ନଥିଲେ, କିନ୍ତୁ ସାହସ ଯେତେବେଳେ ତାଙ୍କୁ ବିଦାୟ ମାଗିଲେ ସେ ମନା କରି ଦେଇଥିଲେ, ତାଙ୍କୁ ଏଇ କଥା କହି ଯେ କେବଳ ତାଙ୍କରି ଭରସାରେ ସେ ସମସ୍ତଙ୍କୁ ହସି ହସି ବିଦାୟ ଦେଇଥିଲେ ଏବଂ ଏବେ ସେ ତାଙ୍କୁ ଛାଡ଼ିଯିବା କଥା କିପରି କହୁଛନ୍ତି ! ଆଉ ତା'ପରେ ସାହସ ତାଙ୍କ ଶରୀରରେ ରୁହନ୍ତେ ସମସ୍ତ ଦେବଦେବୀ ତାଙ୍କ ନିକଟକୁ ଫେରି ଆସିଥିଲେ । ତେଣୁ ଯେ କୌଣସି ଦେଶର ନେତା ଅବଶିଷ୍ଟ ବିଶ୍ୱର ଲୋକମାନଙ୍କ ମନ ଓ ହୃଦୟରେ ଘର କରିବାକୁ ହେଲେ ତାଙ୍କର ସେହିପରି ସାହସ ରହିବା ଦରକାର ଏବଂ ସେଥିପାଇଁ ସେ ଏପରି ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ଉଦ୍ୟମ କରିବା ଉଚିତ ଯାହା ନିଜ ଦେଶର ପରିସର ବାଦ୍ ଅନ୍ୟ ଦେଶର ଆଇନଗତ ସୀମାଗୁଡ଼ିକୁ ମଧ୍ୟ ପାର କରି ପାରୁଥବ । ସେମିତି ସୌର ମେଣ୍ଟ ସୃଷ୍ଟି କରିବା ମଧ୍ୟ ଅନ୍ୟ ଏକ ଉଦାହରଣ । ବର୍ତ୍ତମାନ ଭାରତର ଅଧ୍ୟକ୍ଷତାରେ ଜି-୨୦ ଗୋଷ୍ଠୀର ଅନ୍ତିମ ପର୍ଯ୍ୟାୟର କାର୍ଯ୍ୟକଳାପ ଉପସ୍ଥିତ ହେବାକୁ ଯାଉଥିବା ବେଳେ ଶ୍ରୀଯୁକ୍ତ ମୋଦୀ ଏକ ବୈଶ୍ୱିକ କାର୍ଯ୍ୟସୂଚୀ ସ୍ଥିର କରି ତା' ମାଧ୍ୟମରେ ସମଗ୍ର ବିଶ୍ୱବାସୀଙ୍କ ନିକଟରେ କେବଳ ରାଜନୀତିକ ସ୍ତରରେ ପହଞ୍ଚିବାକୁ ନୁହେଁ, ବରଂ ସିଧାସଳଖ ସମସ୍ତ ହିତଧାରକଙ୍କ ନିକଟରେ ମଧ୍ୟ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ର ଭାରତ ମାନବିକତାର ବ୍ୟାପକ ମଙ୍ଗଳ ନିମନ୍ତେ ଏହାର ଲୋକମାନଙ୍କ ଶକ୍ତିକୁ କିପରି କାମରେ ଲଗାଇବା ଉପରେ ଆସ୍ଥା ରଖେ, ତାହା ଦର୍ଶାଇବାକୁ ଯାଇ ସେ ଇସ୍ରୋର ସଫଳତାକୁ ଉଦାହରଣ ଭାବରେ ଉପସ୍ଥାପନ କରିଥିଲେ, ଯାହା ଏହି ଗ୍ରହର ସମସ୍ତ ଅଧିବାସୀଙ୍କ ମଙ୍ଗଳ କରିବାକୁ ଯାଉଛି । ଏହି ଅବସରକୁ ସେ ମଧ୍ୟ ଉପଯୋଗ କରିଥିଲେ ଭାରତ କିପରି ବିଶ୍ୱର ଔଷଧ ଭଣ୍ଡାର ହେବାକୁ ଯାଉଛି, ଏବଂ ବୃହତ୍ତର ମଙ୍ଗଳ ନିମନ୍ତେ ଏହା ନିଜର ଘରୋଇ ଅର୍ଥନୀତିକ କାର୍ଯ୍ୟସୂଚୀକୁ ଉପଯୋଗ କରିବ, ସେଥିପ୍ରତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ। ଶ୍ରୀଯୁକ୍ତ ମୋଦୀ ମଧ୍ୟ ଗଣତନ୍ତ୍ରକୁ କିପରି ଫଳଦାୟୀ କରାଯାଇ ପାରିବ ଏବଂ ଭାରତ କିପରି ନିଜର ୧୩.୫ କୋଟି ଲୋକଙ୍କୁ ଅର୍ଥନୀତିକ, ସାମାଜିକ ଏବଂ କଲ୍ୟାଣକାରୀ ନୀତିଗୁଡ଼ିକର ସମଷ୍ଟି ବଳରେ ଉକ୍ଟ ଦାରିଦ୍ର୍ୟରୁ ମୁକାଳିବାରେ ସକ୍ଷମ ହୋଇଛି, ତାହା କହିଥିଲେ। ତାଙ୍କ ଉଦ୍‌ବୋଧନର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟବସ୍ତୁ ଥିଲା ପରିବେଶ । ମାନବ ସମାଜ ଆଉ ନିଜକୁ ଏକ ପାରମ୍ପରିକ ଭାବନାର ନିଗଡ଼ ମଧ୍ୟରେ ରଖି ଚିନ୍ତା କରି ପାରିବ ନାହିଁ କି ସେହି ଅନୁସାରେ କାର୍ଯ୍ୟ କରି ପାରିବ ନାହିଁ ବା ବଞ୍ଚି ପାରିବ ନାହିଁ ଅଥବା ସମସ୍ୟାର ସମାଧାନ କରି ପାରିବ ନାହିଁ । ଶ୍ରୀଯୁକ୍ତ ମୋଦୀ ଏଥିପାଇଁ ବିଭିନ୍ନ ଆନ୍ତର୍ଜାତିକ ମଞ୍ଚ ସୃଷ୍ଟି କରିବା ସହିତ ବିଦ୍ୟମାନ ମଞ୍ଚଗୁଡ଼ିକୁ ଶକ୍ତିଶାଳୀ କରିବା ପାଇଁ ପରାମର୍ଶ ଦେବା ବାବଦରେ ନିଜର ପ୍ରଭାବକୁ ବ୍ୟବହାର କରିଥିଲେ। ସେ କହିଥିଲେ ଯେ ଆମର ପର ପିଢ଼ିଙ୍କୁ ଏକ ଉତ୍ତମ, ସବୁଜ ଏବଂ ଅଧିକ ପରିପୋଷଣୀୟ ବିଶ୍ୱ ପ୍ରଦାନ କରିବା ସହିତ ନିଜର ସମୟକୁ ସୁଖ ଶାନ୍ତିରେ କାଟିବାକୁ ହେଲେ ରାଷ୍ଟ୍ରମାନେ ପରସ୍ପର ସହିତ ସହଯୋଗ କରି ଆମର ସ୍ୱତନ୍ତ୍ର ମାନବିକ ଗୁଣକୁ ବ୍ୟବହାର କରିବା ଉଚିତ । କର୍ପୋରେସନ୍, ବ୍ୟବସାୟ ସଂଗଠନ, ଉଦ୍ୟୋଗୀ ଏବଂ ନବଉଦ୍ଭାବନକାରୀ ସମ୍ପ୍ରଦାୟଙ୍କୁ ଶ୍ରୀଯୁକ୍ତ ମୋଦୀ ନିବେଦନ କରିଥିଲେ ପରିପୋଷଣୀୟତା ଏବଂ ଚକ୍ରୀୟ ଅର୍ଥନୀତିର ମୂଲ୍ୟ ବୁଝିବାକୁ ଏବଂ ଏ ବାବଦରେ ସେ ଉଦାହରଣ ଦେଇଥିଲେ ମିଲେଟ୍‌ଗୁଡ଼ିକର ଓ ସୌର ଶକ୍ତିର । ସଙ୍ଗେ ସଙ୍ଗେ ସେ ମଧ୍ୟ ଏଥିପାଇଁ ଗୁରୁତ୍ୱାରୋପ କରିଥିଲେ ସବୁଜ ଉଦ୍‌ଜାନର ଉତ୍ପାଦନ ଉପରେ, ଯାହା ପରିପୋଷଣୀୟ ଏବଂ ଲାଭ ଅର୍ଜନକାରୀ ଅର୍ଥନୀତି ପ୍ରତିଷ୍ଠା କରିବାରେ ସହାୟକ ହେବ । ପରିଶେଷରେ ଶ୍ରୀଯୁକ୍ତ ମୋଦୀ ଆହ୍ୱାନ ଦେଇଥିଲେ ସର୍ବନିମ୍ନଠାରୁ ଆଗକୁ ଯାଇ ଏକ ବଡ଼ ଧରଣର ମୂଲ୍ୟ ପାଇଁ ଲକ୍ଷ୍ୟ ରଖିବାକୁ, ଯେପରିକି ଏକ ବିଶ୍ୱ ଖାଉଟି ଯତ୍ନ ଦିବସ ସୃଷ୍ଟି କରିବାକୁ, ଯଦ୍ୱାରା ସବୁ ମଣିଷଙ୍କ ପ୍ରତି ସମସ୍ତଙ୍କର ଚିନ୍ତା ରହିଛି ଏବଂ ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି ସେ ଦର୍ଶାଇ ଥିଲେ। ଆଉ ଏହାଦ୍ୱାରା କେବଳ ଅଧିକାରର ପୂର୍ତ୍ତି କରିବା ବିନା ଆମେ ଅନୁପାଳନର କିଛି ସର୍ବନିମ୍ନ ରେଖାଠାରୁ ଅଧିକ ପାଇଁ ଲକ୍ଷ୍ୟ ରଖିପାରିବା । ଆଉ ଏଇଠାରେ ହିଁ ରହିଛି ଶ୍ରୀଯୁକ୍ତ ମୋଦୀ ଓ ଅନ୍ୟ ନେତାମାନଙ୍କ ମଧ୍ୟରେ ଅନ୍ତର।

# ସୁରକ୍ଷାର ପ୍ରତୀକ ପର୍ବ ରକ୍ଷାବନ୍ଧନ

## ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ

ସମଗ୍ର ବିଶ୍ୱରେ ଭାରତୀୟ ଦର୍ଶନ କେବଳ ଅଦ୍ୱିତୀୟ ନୁହେଁ, ଅଦ୍ଭୁତ ମଧ୍ୟ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆମ ଦେଶରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ଆର୍ଥିକ ଚେତନାର ବାର୍ତ୍ତା ବହନ କରିବା ସହିତ ବୈଜ୍ଞାନିକ ଦୃଷ୍ଟିକୋଣରୁ ତାହାର ସାର୍ଥକତା ମଧ୍ୟ ପ୍ରତିପାଦନ କରିଥାଏ । ସେହିପରି ଶ୍ରାବଣ ପୂର୍ଣ୍ଣିମା ତିଥିରେ ସମଗ୍ର ବିଶ୍ୱରେ ହିନ୍ଦୁ ସମାଜରେ ପାଳନ କରାଯାଉଥିବା 'ରକ୍ଷାବନ୍ଧନ' ପର୍ବ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରାପ୍ତ କରେ । କୌଣସି ବ୍ୟକ୍ତି ବିଶେଷଙ୍କ ସହ ସମ୍ପୃକ୍ତ ନଥାଇ ମ୍ନ ଏହି ପର୍ବର ଅନ୍ତର୍ନିହିତ ଚେତନା ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ମହାନ୍ । ସ୍ୱଭାବରେ ସ୍ୱତନ୍ତ୍ର ହେତୁ ପ୍ରତ୍ୟେକ ମଣିଷ ଚାହେଁ ସ୍ଥୂଳ ବନ୍ଧନରୁ ମୁକ୍ତି । ମାତ୍ର ଏହି ଦିବସରେ ଭଉଣୀ ନିଜ ଭାଇ ହାତରେ ପବିତ୍ରତାକୁ ସତ୍ୟତାର ସର୍ବୋତ୍ତମ ପଥ କୁହାଯାଇଥାଏ । କେବଳ ଭୌତିକ ଦୁନିଆ ସହ ମନକୁ ସଂଶ୍ଳିଷ୍ଟ କରି ରଖିଲେ ମନର ଅନନ୍ତ ଶକ୍ତି ସମୂହ ସାଧାରଣତାର ରୂପ ନେଇଥାଏ । ଅବିରତ ଗତିଶୀଳ ସମୟକୁ ଯେପରି ଋତୁ, ମାସ, ପକ୍ଷ, ଦିବସ, ଘଣ୍ଟା, ମିନିଟ୍, ସେକେଣ୍ଡରେ ବାନ୍ଧି ଜୀବନ ଚର୍ଯ୍ୟାକୁ ସୁବ୍ୟବସ୍ଥିତ କରାଯାଏ । ହାତୀକୁ ଅଙ୍କୁଶ ଓ ଘୋଡ଼ାକୁ ଲଗାମ ଦ୍ୱାରା ବନ୍ଧାଯାଏ । ସେହିପରି ଚଞ୍ଚଳ ମନକୁ ମଧ୍ୟ ମର୍ଯ୍ୟାଦା ସମ୍ପନ୍ନ କରିବା ସକାଶେ ପବିତ୍ର ଈଶ୍ୱରୀୟ ବନ୍ଧନରେ ବନ୍ଧାୟମାନ ହେବା ଆବଶ୍ୟକ । ଏଣୁ ଏହି ପର୍ବ ଏକ ସାଧାରଣ ସମ୍ପର୍କର ପର୍ବ ଭାବରେ ନୁହେଁ ବରଂ ଜୀବନ ସଂଗ୍ରାମରେ ବିଜୟ ପ୍ରାପ୍ତି ସକାଶେ ତଥା ଭ୍ରମିତ ମାନବ ସମାଜକୁ ବାସ୍ତବ ଜୀବନର ଲକ୍ଷ୍ୟ ସଚେତନ କରାଇବା ସକାଶେ ଏକ ପ୍ରେରଣା ଦାୟକ ପର୍ବ ।

କିନ୍ତୁ ଆମ ଭାରତ ବର୍ଷରେ 'ରକ୍ଷାବନ୍ଧନ ପର୍ବ' ପ୍ରତି ବର୍ଷ ହର୍ଷୋଲ୍ଲାସର ସହ ପାଳିତ ହୋଇ ଆସୁଥିଲେ ମଧ୍ୟ ଦିନ ପ୍ରତିଦିନ ମାନବ ସମାଜ ଅସୁରକ୍ଷିତ ହୋଇଯାଉଅଛି । ଭୟର ମାତ୍ରା ବୃଦ୍ଧି ପାଉଛି । ଚତୁର୍ଦ୍ଦିଗ ମୃତ୍ୟୁର ତାଣ୍ଡବଲୀଳା ମଧ୍ୟ ଦୃଷ୍ଟିଗୋଚର ହେଉଛି । ତେବେ ଏପରି ରକ୍ଷାବନ୍ଧନର କି ଉପାଦେୟତା ? କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ରକ୍ଷା କିଏ ଏବଂ କାହାର କରିବ ? କାରଣ ସମର୍ଥ ସ୍ଥିତିରେ ବର୍ତ୍ତମାନ କିଏ ବି ନାହିଁ । ଏତଦ୍ ବ୍ୟତୀତ ସମ୍ବନ୍ଧରେ ସ୍ୱାର୍ଥ ତଥା ଅବିଶ୍ୱାସ ଭାବ ଯୋଗୁଁ ରକ୍ଷକ ମଧ୍ୟ ଅନେକ କ୍ଷେତ୍ରରେ ଭକ୍ଷକ ସାଜୁଛି । ଏଣୁ ଏହି ରକ୍ଷାବନ୍ଧନ ପର୍ବର ଯଥାର୍ଥ ଆଧ୍ୟାତ୍ମିକ ବିଶ୍ଳେଷଣ ଦ୍ୱାରା ହିଁ ଆତ୍ମାକୁ ସୁନିଶ୍ଚିତ ସୁରକ୍ଷା ପ୍ରାପ୍ତ ହୋଇଥାଏ, କାରଣ ଆତ୍ମା- ଶାଶ୍ୱତ, ନିରନ୍ତନ, ଅଜର ଓ ଅମର ଅଟେ ଏବଂ ସେହି ଆତ୍ମା ଆଉ କେହି ନୁହେଁ, ବରଂ ମୁଁ ହିଁ ସେହି ଚୈତନ୍ୟ ପ୍ରକାଶମୟ ଦିବ୍ୟ ଆତ୍ମା ଅଟେ । ଯାହାକି ଭୃଲତାର ଠିକ୍ ମଧ୍ୟ ସ୍ଥାନରେ ସୂକ୍ଷ୍ମାଦି ସୂକ୍ଷ୍ମ ରୂପରେ ଝଲସି ଉଠୁଥାଏ । ଏହି ସ୍ମୃତିର ଅନୁଭବ ହିଁ ସାକ୍ଷାତ ଆତ୍ମବୋଧ ଯେଉଁଥିରେ ସୁରକ୍ଷା ନିହିତ ଥାଏ । ଦ୍ୱିତୀୟତଃ ଏହି ବିଶ୍ୱନାଟକର ଯଥାର୍ଥ ବୋଧରେ ସୁରକ୍ଷା ପ୍ରାପ୍ତ ହୁଏ । କାରଣ ନାଟକ ମାତ୍ର ୩/୪ ଘଣ୍ଟାର ନୁହେଁ, ବରଂ ଏହି ନାଟକର ପ୍ରତ୍ୟେକ ଦୃଶ୍ୟ ସହିତ ସ୍ୱୟଂକୁ ତାଦାତ୍ମ୍ୟ କରି ନିର୍ଦ୍ଦେଶକ (ପରମାତ୍ମା)ଙ୍କର ମହାନଭାବତାକୁ ହୃଦୟଙ୍ଗମ କରିପାରିଲେ, ସାକ୍ଷୀ ଭାବ ସ୍ୱତଃ ଜାଗୃତ ହେବ ଏବଂ ଏହି ସାକ୍ଷୀ ଭାବରୁ ସୁରକ୍ଷାର ଉପାୟ ଆପେ ଆପେ ପ୍ରାପ୍ତ ହେବ । ତୃତୀୟତଃ ସମ୍ପୂର୍ଣ୍ଣତାରେ ସୁରକ୍ଷା ନିହିତ ଥାଏ । କାରଣ ଅସ୍ଥିର ବୃଷ୍ଟି ବା ସଂକଳ୍ପର ଚଞ୍ଚଳତା, ସଂକୀର୍ଣ୍ଣ– ମାନସିକତା ଏବଂ ବିକାରଯୁକ୍ତ ସଂକଳ୍ପ ହିଁ ଅନାୟସ ବିପଦ ସୃଷ୍ଟି କରେ । ଏପରି ମନର ସଂଘର୍ଷମୟ ସ୍ଥିତି ଯୋଗୁଁ ମନୋବଳ ହ୍ରାସ ହୁଏ, ଦୁର୍ବଳ ହୁଏ । ଅତଃ ଏହି ପରିପ୍ରେକ୍ଷୀରେ ପୂର୍ଣ୍ଣକୁମ୍ଭର ଅଚଳ ସ୍ଥିତି ଭଳି ଏକ ସ୍ଥିର ଚିତ୍ତ ଏବଂ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ସୁରକ୍ଷିତ ଅଟେ। କିନ୍ତୁ ସର୍ବଶ୍ରେଷ୍ଠ ସୁରକ୍ଷା ହେଲା- ସମର୍ପଣମୟତା କାରଣ ଯେଉଁ ଆତ୍ମା ଏକ ପରମାତ୍ମାଙ୍କ ପ୍ରତି ସମର୍ପଣ ଭାବ ପୋଷଣ କରେ ଏବଂ ମନ, ବଚନ, କର୍ମରେ ଈଶ୍ୱରୀୟ ନିର୍ଦ୍ଦେଶ ମାନି ଚାଲେ ତଥା ରାଜଯୋଗର ନିରନ୍ତର ଅଭ୍ୟାସ କରେ । ସେ ସ୍ୱୟଂ ବିଷୟ ବିକାରରୁ ସୁରକ୍ଷିତ ହୋଇ ଅନ୍ୟକୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ । କାରଣ ଏକ ପରମାତ୍ମା ହିଁ ସର୍ବ ସମର୍ଥ ଅଟନ୍ତି ।

ଏଣୁ ଆଧ୍ୟାତ୍ମିକତା ଦୃଷ୍ଟିରୁ ଏହା ଏକ ଅତ୍ୟନ୍ତ ରହସ୍ୟଯୁକ୍ତ ପର୍ବ ଅଟେ । ବିଷୟ ବିକାର ପରିତ୍ୟାଗ ପୂର୍ବକ ପୁଣ୍ୟକର୍ମ କରିବା ପାଇଁ ପ୍ରେରିତ କରିଥିବାରୁ ଏହାକୁ ପୁଣ୍ୟ ଦାୟକ ବା ବିଷତୋଡ଼କ ପର୍ବର ଆଖ୍ୟା ମଧ୍ୟ ଦିଆଯାଇଥାଏ । କିମ୍ବଦନ୍ତୀ ଅନୁସାରେ ଇନ୍ଦ୍ରାଣୀ ଇନ୍ଦ୍ରଙ୍କୁ ଏହି ପବିତ୍ର ବନ୍ଧନରେ ବନ୍ଧାୟମାନ କରିବାରୁ ଇନ୍ଦ୍ରଙ୍କର ହୃତ ସାମ୍ରାଜ୍ୟ ପ୍ରାପ୍ତ ହେଲା । ଏହାର ଅର୍ଥ ପରମାତ୍ମା ଶିକ୍ଷାଯୁକ୍ତ ହୋଇ ଯେତେବେଳେ ଆମେ ଆଶା ରୂପରେ ଭାଇ- ଭାଇର ଦୃଷ୍ଟିକୋଣ ଧାରଣ କରୁ ତେବେ କର୍ମେନ୍ଦ୍ରୀୟଗୀତ ହୋଇ ବିଶ୍ୱ ରାଜ୍ୟର ଅଧିକାର ପ୍ରାପ୍ତ କରିପାରୁ । ସେହିପରି ଯମୁନା ନିଜ ଭାଇ ଜମକୁ ଏହି ରାକ୍ଷୀ ବାନ୍ଧିବାରୁ ଯମ ବରଦାନ ଦେଇ କହିଥିଲେ, ଯେଉଁ ମନୁଷ୍ୟ ଏହି ପବିତ୍ର ବନ୍ଧନରେ ବନ୍ଧାୟମାନ ହେବ, ସେ ଯମଦୂତଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ କଷ୍ଟରୁ ମୁକ୍ତି ପାଇବ ଅର୍ଥାତ୍ ସାଂସାରିକ ସମ୍ବନ୍ଧ, ପଦାର୍ଥ ... ଆଦିରୁ ନଷ୍ଟମୋହ ହୋଇପାରିବ ଏବଂ ଯେତେବେଳେ ପାପ୍ କଟେଶ୍ୱର ପରମାତ୍ମାଙ୍କ ସହ ମନ ବୃଦ୍ଧିକୁ ଏକାଗ୍ର କରିବ, ସେତେବେଳେ ଭୟମୁକ୍ତ, ଶାନ୍ତ ଜୀବନଯାପନ କରିବ । ସେହିପରି ଐତିହାସିକ ଦୃଷ୍ଟିକୋଣରୁ ମହାରାଣୀ ପଦ୍ମିନୀ ହୁମାୟୁନିଙ୍କୁ, ପଦ୍ମାଦେବୀ ସୁଲତାନ ଫିରୋଜଶାହଙ୍କୁ ଏହି ରକ୍ଷା ସୂତ୍ରରେ ବନ୍ଧାୟମାନ କରିଥିଲେ । ପରିଣାମ ସ୍ୱରୂପ ମୁସଲମାନ ସମ୍ରାଟମାନେ ନିଜ ରାଜ୍ୟ ବିସ୍ତାର ଅଭିଯାନକୁ ଗୌଣ ମନେକରି ହିନ୍ଦୁ ଭଗନୀ ପାଇଁ ପ୍ରାଣବଳୀ ଦେବାକୁ ମଧ୍ୟ ପଶ୍ଚାତ୍‌ଦ ହୋଇନଥିଲେ । କିନ୍ତୁ ବର୍ତ୍ତମାନ ସମୟରେ ଭାଇ ଓ ଭଉଣୀଙ୍କ ମଧ୍ୟରେ ପାଳିତ ହୋଇ ଆସୁଥିବା ଏହି ପର୍ବର ତାତ୍ପର୍ଯ୍ୟ ଏହିକି ଯେ, ଏହି ସୃଷ୍ଟିରେ ଏକମାତ୍ର ଭାଇ ଭଉଣୀଙ୍କ ପରସ୍ପର ସ୍ନେହ ସମ୍ବନ୍ଧ ଅତ୍ୟନ୍ତ ପବିତ୍ର, ଶାଶ୍ୱତ ଏବଂ ନିର୍ମଳ ଅଟେ । ଯେଉଁଥିରେ କି ତିଳେମାତ୍ର ବିକୃତ ଭାବନା ନଥାଏ । ଏହି ଅବସରରେ ଭାଇର ଦକ୍ଷିଣ ହସ୍ତରେ ଭଉଣୀ ସାଧାରଣତଃ ରାକ୍ଷୀଟିଏ ବାନ୍ଧିଥାଏ । କାରଣ ପବିତ୍ରତାର ସୂକ୍ଷ୍ମ ବନ୍ଧନରେ ଆତ୍ମା ହିଁ ବନ୍ଧାୟମାନ ହୁଏ । ଆତ୍ମା ଏକ ସୂକ୍ଷ୍ମ ଜ୍ୟୋତିବିନ୍ଦୁ ସଦୃଶ ହୋଇଥିବାରୁ ଏହାକୁ ସ୍ଥୂଳ ରେଶମ ସୂତାରେ ବନ୍ଧାଯାଇ ନପାରେ । ପୁନଶ୍ଚ ଶରୀରରେ ଆତ୍ମାର ଯେଉଁ ଭୃକୁଟି ମଧ୍ୟରେ ନିବାସ ସ୍ଥାନ, ସେଠାରେ ମଧ୍ୟ ରାକ୍ଷୀଟିଏ ବାନ୍ଧିବା ଅସମ୍ଭବ । ଏତଦ୍ ବ୍ୟତୀତ ରକ୍ଷା ସକାଶେ ହସ୍ତର ପ୍ରୟୋଜନ ହେତୁ ଏହି ଅଲୌକିକ ବନ୍ଧନକୁ ଦକ୍ଷିଣ ହସ୍ତରେ ବନ୍ଧାଯାଇଥାଏ ।

ଏହି ପର୍ବ ପାଳନ ଅବସରରେ ମୁଖ ମିଠା କରିବା ଅର୍ଥାତ୍ ଶୃତିମଧୁର ସମ୍ବେଦନଶୀଳ ବାକ୍ୟ ବିନିମୟ ଦ୍ୱାରା କାର୍ଯ୍ୟ ବ୍ୟବହାରରେ ଆସିବା ଏବଂ ମସ୍ତକରେ ଯେଉଁ ତିଳକ ପ୍ରଦାନ କରିବାର ପ୍ରଥା ରହିଛି ତାହା ହେଉଛି ଆତ୍ମା ସ୍ୱରୂପରେ ନିରନ୍ତର ସ୍ଥିତି ହେବାର ପ୍ରତୀକ । ଅର୍ଥାତ୍ ପରସ୍ପରକୁ ସ୍ଥୂଳ ଦୃଷ୍ଟିରେ ସ୍ତ୍ରୀ-ପୁରୁଷ ବିବେଚନା ନକରିବା। ଯାହାଫଳରେ ଆମେ ଭାଇ-ଭଉଣୀର ପବିତ୍ର ସମ୍ବନ୍ଧକୁ ଏକ ବାସ୍ତବିକ ଏବଂ ବ୍ୟାପକ ସ୍ୱରୂପ ପ୍ରଦାନ କରିପାରିବ। ସୌଭାଗ୍ୟର ବିଷୟ, ବିଶ୍ୱର ସର୍ବ ମନୁଷ୍ୟାତ୍ମାଙ୍କୁ ସୁରକ୍ଷା ପ୍ରଦାନ କରିବାପାଇଁ ବିଶ୍ୱରକ୍ଷକ ପତିତପାବନ ନିରାକାର ପରମପିତା ପରମାତ୍ମା ଶିବ ଏକ ସାଧାରଣ ମନୁଷ୍ୟ 'ପ୍ରଜାପିତା ବ୍ରହ୍ମା'ଙ୍କ ମାଧ୍ୟମରେ ଆଜକୁ ଦୀର୍ଘ ୮୭ ବର୍ଷ ହେଲା ଏହି ଧରାପୃଷ୍ଠରେ ଅବତରଣ କରି ପବିତ୍ରତାର ବନ୍ଧନ ବାନ୍ଧି ଆସୁଛନ୍ତି ।

ତେଣୁ ଆସନ୍ତୁ ଆଜିର ଏହି ସୁରକ୍ଷା ପ୍ରାପ୍ତ କରିବା ଦିବସରେ ପରମ ରକ୍ଷକଙ୍କ ଠାରୁ ସୁରକ୍ଷା ପ୍ରାପ୍ତ କରିବାର ପାତ୍ର ହେବା ଏବଂ ସ୍ୱରକ୍ଷକ, ବିଶ୍ୱରକ୍ଷକ, କୁଳ ରକ୍ଷକ, ଯଜ୍ଞ ରକ୍ଷକ ତଥା ଧର୍ମ ରକ୍ଷକ ହୋଇ ଏହି ବିଶ୍ୱର ଆସାତ୍ମିକ ସେବା କରିବାରେ ବ୍ରତୀ ହେବା । ଚଳିତ ବର୍ଷ ପାଇଁ ଏହି ଅପୂର୍ବ ଦିବସରେ ସର୍ବ ଆତ୍ମା ପ୍ରତି ଏହି ଶୁଭସନ୍ଦେଶ – "ନିଜ ପୁରୁଣା, ବ୍ୟର୍ଥ, ଅପବିତ୍ର, ସ୍ୱଭାବ, ଦୈହିକ ଦୃଷ୍ଟି, ବୃତ୍ତି, ସ୍ମୃତି ଓ କୃତି ପରିତ୍ୟାଗ ପୂର୍ବକ ଶୁଦ୍ଧ ସଂକଳ୍ପ ଏବଂ ମହାନ କର୍ତ୍ତବ୍ୟ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହୁଅ ।"

କେନ୍ଦ୍ର ସଞ୍ଚାଳିକା
ଶାନ୍ତିକୁଣ୍ଡ, ଗିରିରୋଡ ବ୍ରହ୍ମପୁର-୫ ( ଗଞ୍ଜାମ)

# ରାକ୍ଷୀ ବନ୍ଧନର ମହତ୍ତ୍ୱ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଚାରୋଟି ପବିତ୍ର ପୂର୍ଣ୍ଣିମା ତିଥି (ଦୋଳ ପୂର୍ଣ୍ଣିମା, ଗହ୍ମା ବା ରାକ୍ଷୀ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା ଓ ରାସପୂର୍ଣ୍ଣିମା) ପ୍ରମୁଖ ଗଣପର୍ବ ରୂପେ ପ୍ରତିବର୍ଷ ପାଳିତ ହୁଏ । ସେ ଗୁଡ଼ିକ ମଧ୍ୟରେ ଶ୍ରାବଣ ମାସର ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଅନ୍ୟତମ । ଏହି ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। କାରଣ ରାକ୍ଷୀ ବନ୍ଧନ ପର୍ବ ସର୍ବତ୍ର ଶ୍ରଦ୍ଧା, ସ୍ନେହ ଓ ପ୍ରେମର ସହ ପାଳିତ ହୁଏ । ଏହି ସ୍ମରଣୀୟ ପର୍ବ କେଉଁ ଦିନଠାରୁ ପାଳିତ ହୋଇ ଆସୁଛି ସଠିକ ଭାବରେ ପୁରାଣ ଶାସ୍ତ୍ରରେ ଉଲ୍ଲେଖିତ ହୋଇ ନଥିଲେ ହେଁ ଏହା ବହୁ ପ୍ରାଚୀନ । ଏହି ପୂର୍ଣ୍ଣିମା ଦିନ ପୁରୁଷମାନେ ସେମାନଙ୍କ ଡାହାଣ ହାତରେ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଛି । ଏହି ରକ୍ଷା ବନ୍ଧନ ପ୍ରଥା ପ୍ରଥମେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ପ୍ରଚଳିତ ହେବାର ସୂଚନା ପୁରାଣରେ ଉଲ୍ଲେଖିତ ହୋଇଛି । ପୌରାଣିକ ତଥ୍ୟ ଅନୁସାରେ ପ୍ରାଚୀନ କାଳରେ ଥରେ ଦେବ ଓ ଦାନବମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଲା ଏବଂ ଏହି ଯୁଦ୍ଧ ବାର ବର୍ଷ ଧରି ଚାଲିଥିଲା । ପ୍ରଥମେ ଦେବତାମାନେ ଯୁଦ୍ଧରେ ପରାଜିତ ହୋଇ ରଣଭୂମି ଛାଡ଼ି ପଳାୟନ କଲେ। ଇନ୍ଦ୍ରରାଜା ଅମରାବତୀ ନାମକ ତୀର୍ଥରେ ଆତ୍ମଗୋପନ କରି ରହିଲେ। ତାପରେ ଦେବଗୁରୁ ବୃହସ୍ପତିଙ୍କ ଶରଣାପନ୍ନ ହୋଇ ଯୁଦ୍ଧର ପରିଣାମ ବିଷୟରେ ଆଲୋଚନା କଲେ । ଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଇନ୍ଦ୍ରରାଜା ଓ ତାଙ୍କ ପତ୍ନୀ ଇନ୍ଦ୍ରାଣୀ ଯଜ୍ଞ କଲେ ଏବଂ ଯଜ୍ଞକର୍ମ ସମାପିତ ହେବା ପରେ ଇନ୍ଦ୍ରାଣୀ ଦେବତାମାନଙ୍କ ରକ୍ଷା ନିମିତ୍ତ ଅଭିମନ୍ତ୍ରିତ ବ୍ରତସୂତ୍ରକୁ ନେଇ ଇନ୍ଦ୍ରଙ୍କ ଡାହାଣ ହାତରେ ବାନ୍ଧି ଦେଲେ । ଏହାପରେ ଇନ୍ଦ୍ର ପୁନଶ୍ଚ ଯୁଦ୍ଧକ୍ଷେତ୍ରକୁ ଫେରି ଅସୁରମାନଙ୍କ ସହିତ ଯୁଦ୍ଧ କଲେ ଏବଂ ଶେଷରେ ଅସୁରମାନଙ୍କୁ ନିପାତ କରି ବିଜୟ ଲାଭ କଲେ । ଫଳରେ ସମସ୍ତେ ରକ୍ଷାସୂତ୍ରର ହମତ୍ତ୍ୱକୁ ହୃଦୟଙ୍ଗମ କରି ସେହିଦିନ ଠାରୁ ଏହି ରକ୍ଷାବନ୍ଧନ ପର୍ବ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳିତ ହୋଇ ଆସୁଛି । ଦେବତାମାନଙ୍କ ଠାରୁ କ୍ରମେ ମର୍ତ୍ତ୍ୟରେ ରକ୍ଷାବନ୍ଧନ ଆରମ୍ଭ ହେଲା । ଦେବଲୋକରେ ନିଜ ପତ୍ନୀ ନିଜ ସ୍ୱାମୀଙ୍କ ଡାହାଣ ହାତରେ ରକ୍ଷାବନ୍ଧନ ଡୋରି ବାନ୍ଧିଥିଲା ବେଳେ ମର୍ତ୍ତ୍ୟରେ ଭଉଣୀ ତାର ଭାଇ ହାତରେ ପବିତ୍ର ରାକ୍ଷୀକୁ ବାନ୍ଧିଥାଏ ।

ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଡ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମିତ୍ତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ୍ୟ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ । ଏହି ପବିତ୍ର ରାକ୍ଷୀବନ୍ଧନ ପର୍ବ ସହିତ ଆଉ ଏକ ଐତିହାସିକ ଘଟଣା ଯୋଡ଼ି ହୋଇ ରହିଛି । ଭାରତରେ ମୋଗଲ ଶାସନ ଅମଳରେ ଅନେକ ମୁସଲ୍‌ମାନ ବ୍ୟକ୍ତି ହିନ୍ଦୁ ରମଣୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ତେଣୁ ଆମ ଦେଶର ସମ୍ଭ୍ରାନ୍ତ ବଂଶୀୟ ମହିଳାମାନେ ସେମାନଙ୍କ ସୁରକ୍ଷା ନିମିତ୍ତ ବଳବାନ ରାଜା ଓ ବାଦଶାହାଙ୍କ ସହିତ ରାକ୍ଷୀ ବନ୍ଧନ ସୂତ୍ରରେ ଭ୍ରାତୃତ୍ୱ ସମ୍ବନ୍ଧ ସ୍ଥାପନ କରୁଥିଲେ । ସେହିଭଳି ମେବାରର ରାଣା ସଂଗ୍ରାମ ସିଂହଙ୍କ ମୃତ୍ୟୁ ପରେ ଦିଲ୍ଲୀର ମୋଗଲ ବାଦଶାହା ଚିତୋର ଦୁର୍ଗ ଆକ୍ରମଣ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ମାତ୍ର ଚିତୋର ଗଡ଼ର ସାହସିକା ଓ ବୀରା ରାଣୀ କର୍ଣ୍ଣବତୀ ଏହା ଜାଣି ସେ ସମୟରେ ମୋଗଲ ବାଦଶାହ ହୁମାୟନଙ୍କ ପାଖକୁ ପବିତ୍ର ରାକ୍ଷୀ ପଠାଇ ଚିତୋର ଦୁର୍ଗକୁ ରକ୍ଷା କରିଥିଲେ । ହୁମାୟନ୍ ଜଣେ ମୁସଲମାନ ଶାସକ ହେଲେ ହେଁ ହିନ୍ଦୁପରମ୍ପରା ଓ ବିଶ୍ୱାସକୁ ସମ୍ମାନ ଦେଇ ରାକ୍ଷୀ ବନ୍ଧନର ମହତ୍ତ୍ୱ ଅବସରରେ ଚିତୋର ଦୁର୍ଗ ଆକ୍ରମଣରୁ ବିରତ ରହିଲେ ।

ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଭଗବାନ ବଳରାମଙ୍କ ଜନ୍ମ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ସେ ଭଗବାନ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ଜଗନ୍ନାଥ ସଂସ୍କୃତିରେ ବଳରାମଙ୍କୁ ବଳଭଦ୍ର ନାମରେ ପୂଜା କରାଯାଇଥାଏ। ବାସୁଦେବଙ୍କ ଔରସରୁ ରୋହିଣୀଙ୍କ ଗର୍ଭରୁ ବଳରାମ ଜାତ ହୋଇଥିବାରୁ ପୁରାଣରୁ ଜଣାଯାଏ। ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ଦିନ ବଳରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥାଏ। ବଳରାମଙ୍କ ବିବାହ ରେବତ ରାଜାଙ୍କ କନ୍ୟା ରେବତୀଙ୍କ ସହ ହୋଇଥିଲା। ତାଙ୍କର ଦୁଇ ପୁତ୍ର ଥିଲେ ନିଶଠ ଏବଂ ଉଲ୍ମୁକ। ବଳରାମ ଥିଲେ ଭଗବାନ ବିଷ୍ଣୁଙ୍କ ସେବକ ଶେଷନାଗଙ୍କ ଅବତାର। ସେ ହଳଧର, ହଳଯୁଦ୍ଧ, ସଂକର୍ଷଣ ଆଦି ନାମରେ ମଧ୍ୟ ପ୍ରସିଦ୍ଧ। ବଳରାମଙ୍କ ପରାକ୍ରମ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା ରହିଛି। ଗଦା ଯୁଦ୍ଧରେ ସେ ପ୍ରବୀଣ ଥିଲେ। ଦୁର୍ଯ୍ୟୋଧନ ତାଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଲାଭ କରିଥିଲେ। ବଳରାମ ଅନେକ ଥର ଜରାସନ୍ଧକୁ ଯୁଦ୍ଧରେ ହରାଇ ଦେଇଥିଲେ।

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବକୀ ଏବଂ ବସୁଦେବଙ୍କ ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ହାତରେ ମଥୁରା ରାଜା କଂସ ମୃତ୍ୟୁବରଣ କରିବ ବୋଲି ଆକାଶବାଣୀ ହେଲା। ଏହି ଆକାଶବାଣୀ ଶୁଣିବା ପରେ କଂସ ନିଜ ଭଉଣୀ ଦେବକୀ ଏବଂ ଭିଣୋଇ ବସୁଦେବଙ୍କୁ ନେଇ କାରାଗୃହରେ ବନ୍ଦୀ କଲା। ସମୟରେ କ୍ରମେ ଦେବକୀଙ୍କର ଛଅଜଣ ସନ୍ତାନଙ୍କୁ କଂସ ତଳେ କଚାଡ଼ି ମାରିଦେଲା। ଷଷ୍ଠ ଗର୍ଭରେ ବଳରାମ ଜନ୍ମ ହେବାର ଥିଲା। ତେବେ ସେ ଜନ୍ମ ନେବା ପୂର୍ବରୁ ଶ୍ରୀହରି ବିଷ୍ଣୁ ଯୋଗମାୟାଙ୍କ ସହାୟତାରେ ଦେବକୀଙ୍କ ଗର୍ଭରୁ ବଳରାମଙ୍କୁ ନେଇ ରୋହିଣୀଙ୍କ ଗର୍ଭରେ ସ୍ଥାପନ କଲେ। ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରାଯାଇଥିବାରୁ ବଳରାମଙ୍କ ନାମ ଶଙ୍କର୍ଷଣ ହେଲା। ବଳରାମଙ୍କ ବିବାହ ରେବତୀଙ୍କ ସହିତ ହୋଇଥିଲା। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ରେବତୀଙ୍କ ଉଚ୍ଚତା ୨୧ ହାତ ଥିଲା। ବଳରାମ ନିଜ ହଳ ସାହାଯ୍ୟରେ ରେବତୀଙ୍କୁ ଟାଣି ଛୋଟ କରିଦେଇଥିଲେ। ଏହାପରେ ଦୁହିଁଙ୍କ ବିବାହ ହୋଇଥିଲା। ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ମଠ ମନ୍ଦିରରେ ବିଶେଷକରି କୃଷ୍ଣ-ବଳରାମ ମନ୍ଦିରରେ ଓ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାନୀତି ହୋଇଥାଏ। ଏହି ଦିନ ଅଗଣିତ ଆଶ୍ରିତମାନେ ସଂଧ୍ୟା ସମୟରେ ବଳଭଦ୍ରଙ୍କ ପବିତ୍ର ଦର୍ଶନ ପୂର୍ବକ ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି।

ବର୍ତ୍ତମାନର ଯୁଗପୁରୁଷୋତ୍ତମ କଲ୍‌କୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ତାଙ୍କ ସାନ ଭଉଣୀ ମଧ୍ୟ ରାକ୍ଷୀ ବାନ୍ଧି ଦେଉଥିଲେ। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ତୁମେ ମୋତେ ରାକ୍ଷୀ ବାନ୍ଧିଲ, ମୁଁ ଭାଇ ହିସାବରେ ତୁମକୁ ରକ୍ଷା କରିବି। ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସନ୍ତକ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣମୀ ଦିନ ସେମାନଙ୍କ ଗୋରୁଗାଈ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର, ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ୍ତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଅନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭




## ଗହ୍ମା ପୁନେଇଁ ପରବ

### ଅନନ୍ତ କୁମାର

ବାରମାସେ ତେର ପରବ ପାଳିତ
ଓଡ଼ିଆ ମାଟିରେ ଜାଣ
ସେଥିମଧ୍ୟରୁ ଗହ୍ମା ପୁନେଇଁ ପରବ
ଅଟେ ପରା ଅନ୍ୟତମ

ଗହ୍ମା ପୁନେଇଁ ଅଟେ ଭାରି ଶୁଭ ତିଥି
ଲେଖାଅଛି ପୁରାଣେ ଶାସ୍ତ୍ରେ।
ଗୋମାତା ପୂଜର୍ଚ୍ଚନା ପୁଣି ହୁଏ
ବୋଲି
ଓଡିଆ କୀମ୍ୱଦନ୍ତି କହେ।

ପ୍ରଭୁ ବଳଦେବ ଜନମ ଉତ୍ସବ
ପାଳନ
ଗହ୍ମା ପୁନେଇଁର ବିଶେଷ୍ୱତ
ଚାଷୀ ଭାଇର ହଳ ଲଙ୍ଗଳର
ପୂଜାର୍ଚ୍ଚନା
ବଢାଏ ଓଡ଼ିଆର ମହତ୍ତ୍ୱ।

ହଳଲଙ୍ଗଳର ଛବି ଭାରି ଶୋଭା
ଦିଶେ
ଗାଆଁ ମାଟି କାନ୍ଥ ଗୁହାଳରେ।
ରଙ୍ଗବେରଙ୍ଗର ଝୋଟି ଚିତା ପୁଣି
ଦିଶେ
ମାଟିଘର ଦାଣ୍ଡ ଦୁଆରରେ।

ପୋଡପିଠା ସାଙ୍ଗେ କେତେ ନାନା
ମିଠା
ପ୍ରଭୁଙ୍କ ପାସେ ଲାଗଇ ଭୋଗ।
ଗୋମାତା ସଙ୍ଗେ ହଳଲଙ୍ଗଳ ପୂଜା
ଗାଆଁ ଦାଣ୍ଡେ ଲାଗଇ ଆନନ୍ଦ।

କେଡେ ଆନନ୍ଦ ଦିଏ ଆମ
ରକ୍ଷାବନ୍ଧନ
ଭଉଣୀ ବାନ୍ଧେ ଯେବେ ଭାଇ
ହାତରେ ରାକ୍ଷୀ
କେଡେ ମନହୋର ପୁଣି ଲାଗଇ
ପୁନେଇଁ
ସଭିଏଁ ଯେବେ କରନ୍ତି ପୂଜା
ମିଳିମିଶି।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ମୋ:୮୩୩୯୯୩୯୯୨୯

## କା ହାତେ ବାନ୍ଧିବି ରାକ୍ଷୀ

### ପ୍ରଦୀପ୍ତ କୁମାର ଦାସ



କା ହାତେ ବାନ୍ଧିବି ରାକ୍ଷୀ
ଭାଇ ମୋର ନାହିଁ-
ଅଫେରା ରାଇଜେ ସେତ
ରହିଛି ମୁଁ ଚାହିଁ,

ଦଇବ ସହିଲା ନାହିଁ
ଆମ ହସ ଖୁସି-
ବଇରୀର ଗୁଳି ସାଜି
ଦେହେ ହେଲା ଭୁସି,

ଭାଇ ମୋର ନିମିଷକେ
ପଡ଼ିଲା ଯେ ଟଳି-
ଉଠିଲାନି ଆଖି ଖୋଲି
କଲି ଯେତେ ଅଳି,

କେଇଟା ଦିନ ଆଗରୁ
ବାନ୍ଧିଥିଲି ରାକ୍ଷୀ-
ଏବେବି ବନ୍ଦାଣ ଥାଳି
ରହିଅଛି ସାକ୍ଷୀ,

ସେହିଦିନୁ ଦୁଃଖ ଦୀପେ
ଲୁହ ମୋର ଢାଳି-
ପ୍ରତି ରାକ୍ଷୀ ପୁନେଇଁରେ
ଦେଉଛି ମୁଁ ଜାଳି ।

ଞଞଞ

କଣ୍ଠାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

## ରାକ୍ଷୀ

### ଦିନେଶ ମେହେର



ଦୁଶାସନର ଚରିତ୍ର ନେଇ
ଭଦ୍ରତା ର ମୁଖା ପିନ୍ଧି
ସମାଜ ଆଗରେ ସାଧୁ ସାଜୁଥିବା
ଜୀବନରେ
'ପଶ୍ଚାତାପ' ଶବ୍ଦର ମୂଲ୍ୟ ଅବା
କଣ ?

କାହା ଉପରକୁ ଆଙ୍ଗୁଠି ଉଠେଇବି ?
ନିଜ କଥା କହୁଛି;
ଜୀବନରେ ଅନେକ ଥର
ଉଠିଛି ପଡ଼ିଛି,
ପୁଣି କାହାରି ଆଗରେ ସାଧୁ ସାଜି
ନିଜ ସାଧୁତା ବଜାୟ ରଖିବାକୁ
ଉପଦେଶ ବି ଦେଇଛି !

ତେବେ
ମୁଁ ସତରେ ଏତେ ଚରିତ୍ରବାନ ?
ରକ୍ଷା କରିବାର ପ୍ରତିଶ୍ରୁତି ଦେଇ
ହାତରେ ରାକ୍ଷୀ ବାନ୍ଧି ହେଇ
ଜଗନ୍ନାଥ ଟିଏ ହେବାର ସ୍ୱପ୍ନ କଣ ସତ
ହେବ ?

ନିଜ ଚରିତ୍ରକୁ କେମିତି ବର୍ଣ୍ଣିବି ?
ଅନେକ ନିରୀହ କଳିକା ମାନଙ୍କ
ସ୍ୱପ୍ନକୁ ପାଦରେ ଦଳି ଦେଇ,
ତାଙ୍କ ଆଖିରେ ଲୁହର ଝର୍ଣ୍ଣା ବୁହେଇ
ଦେଲାପରେ ବି
ମୁଁ ନିହାତି ଗୋଟେ ଚରିତ୍ରବାନ୍ !
କାହିଁକି ନା
ମୁଁ ଗୋଟେ ପୁରୁଷ,
ଚରିତ୍ର କଣ ଲୋଡ଼ା ମୋର !
ମାଲ୍ କହୁଥିବା ଏଇ ଓଠ ଦୁଇଟି
ରାକ୍ଷୀ ବଦଳରେ ରକ୍ଷା କରିବାର
ପ୍ରତିଶ୍ରୁତି ଦେବାକୁ ଥରିବ କାହିଁକି ?

ତେବେ
ବିଚ୍ ରାସ୍ତାରେ ନ ହେଲା ନାହିଁ,
କୁରୁ ସଭା ଅବା ଦରବାର ବି
ନଥାଇପାରେ,
କିନ୍ତୁ
ସପନରେ ଅବା ଗୋପନରେ ବି ତ
ମୁଁ କାହାରି ନା କାହାରି ଦେହରୁ
ବସ୍ତ୍ର ଓଟାରି ଥିବି,
କେବେ ନା କେବେ !

ବୋଧେ ଦୁନିଆ ଜାଣେ କି ନା,
ଜାଣିନି
ସେଇ ଜଗନ୍ନାଥ ତ ଜାଣିଛି
ମୋ ଚରିତ୍ର !
ତେବେ କେମିତି ଅବା
ହାତରେ ରାକ୍ଷୀ ବାନ୍ଧି
ମୁଁ କହିଦେବି ନିଜକୁ
ମୁଁ ବି ଚରିତ୍ରବାନ୍ ବୋଲି ?

ପଳାସ, କଳାହାଣ୍ଡି।

## ସେନେହ ଡୋରୀ
### ମମତା ସାହୁ

ବରଷକେ ଥରେ ଆସିଛି ରାକ୍ଷୀ
ଆଣିଛି ଖୁସିର ପସରା ଡାକି ।
ଭଉଣୀ ବାନ୍ଧିବ ଭାଇ ହାତର
ମଙ୍ଗଳ ମନାସି ରେଶମୀ ଡୋର ।
ଭାଇ ଭଉଣୀର ସମ୍ପର୍କ ସୂତା
ସେନେହ ମମତା ଡୋରୀରେ ଗୁନ୍ଥା ।
ଅମୃତ ବନ୍ଧନ ରାକ୍ଷୀଟି ସଦା
ମହୁଠାରୁ ମିଠା ପବିତ୍ର ଛିଟା ।
ଜନ୍ମ ଜନ୍ମାନ୍ତର ସମ୍ପର୍କ ଡୋର
ଆଶା ବିଶ୍ୱାସରେ ରହିଛି ଚିର ।
ପ୍ରୀତି ନିର୍ଝରିଣୀ ବହଇ ପରା
ଅବିରତ ସ୍ନେହ ଶ୍ରଦ୍ଧାର ଧାରା ।
ଭାଇ ହାତେ ରାକ୍ଷୀ ବାନ୍ଧିବା ପାଇଁ
ଭଉଣୀଟି ତାର ରହଇ ଚାହିଁ ।
ଅତୁଟ ବନ୍ଧନ ଭାଇ ଭଗ୍ନୀର
ରାକ୍ଷୀ ନୁହେଁ ସେତ ସେନେହ ଡୋର ।
ଚିରନ୍ତନ ସତ୍ୟ ଶ୍ୱାଶତ ପ୍ରେମ
ଭାଇ ଭଉଣୀ ଙ୍କ ପବିତ୍ର ପ୍ରେମ ।
ଶ୍ରଦ୍ଧାର ପ୍ରତୀକ ରାକ୍ଷୀଟି ଜାଣ
ସବୁ ଯୁଗେ ରହିଅଛି ଅମ୍ଳାନ ।

ଗାଇଗାଁ, କଳାହାଣ୍ଡି

## ଆସିଛି ରାକ୍ଷୀ ପୂନେଇଁ
### ବିନୟ କୁମାର ସାମଲ

ଆସିଛି ରାକ୍ଷୀ ପୂନେଇଁ ବଉଳ ଲୋ
ଆସିଛି ରାକ୍ଷୀ ପୂନେଇଁ,
ଭାଇ ହାତେ ରାକ୍ଷୀ ବାନ୍ଧିବା ପାଇଁକି
ଭଉଣୀ ଅଛି ଅନେଇ।
ରାକ୍ଷୀଟି ସେନେହ ମମତାର ସେତୁ
ପବିତ୍ର ବନ୍ଧନ ଡୋର,
ଭାଇ ଭଉଣୀର ସମ୍ପର୍କ ଅତୁଟ
ରଖେ ଜନ୍ମ ଜନ୍ମାନ୍ତର।
ପ୍ରତି ପରିବାରେ ଭଉଣୀ ହାତରେ
ଶୋଭାପାଏ ପୂଜାଥାଳି,
ରାକ୍ଷୀ ପାଇଁ ଫୁଲ ଅରୁଆ ଚାଉଳ
ଦୁବ,ପତ୍ର ବରକୋଳି।
ଭାଇର ମଥାରେ ସରାଗେ ଚନ୍ଦନେ
ଆଙ୍କେ ଟୋପି ଟୋପି ଚିତା,
ଭକତି ଅନ୍ତରେ ବନ୍ଦାପନା କରେ
ନୁଆଁଇ ଆପଣା ମଥା।
ଭାଇ ହାତେ ରାକ୍ଷୀ ପିନ୍ଧାଇ ସୁମରେ
ମାଆ ମଙ୍ଗଳାଙ୍କୁ ହୃଦେ,
ଘଣ୍ଟ ଘୋଡାଇକି ରଖିବୁ ଭାଇକୁ
କଣ୍ଟା ନ ଲାଗିବ ପଦେ।
ଜୀବନ ଜଞ୍ଜାଳେ ଝଡ଼ ଝଂଜାକାଳେ
ବିପଦ ଏଡାଇ ଦେଇ,
ଭଉଣୀର ମାନ ରଖିବା ପାଇଁକି
ଶପଥ ନିଏଟି ଭାଇ।
ବଡ ଦେଉଳରେ ଜଗା ବଳିଆଙ୍କ
ମଝିରେ ସୁଭଦ୍ରା ଦେଇ,
ଦୁଇଭାଇ ହାତେ ରାକ୍ଷୀ ବାନ୍ଧିଥାନ୍ତି
ଜଗତଜନ ଶିକ୍ଷା ପାଇଁ।

ପରବ ମଧ୍ୟରେ ସାର ଏ ପୁନେଇଁ
ଧନ୍ୟ ଆମ ପରମ୍ପରା,
ଭାଇ ଭଉଣୀଙ୍କ ମଧୁର ସମ୍ପର୍କ
ଯୁଗେ ଯୁଗେ ଅପାଶୋରା।

ଗ୍ରାମ/ପୋ ବେଡାପଡ଼ା,ଢ଼େଙ୍କାନାଳ
ମୋ: ୯୭୭୭୯୨୯୪୩୮



## ରାକ୍ଷୀ
### ଅକ୍ଷୟ କୁମାର ରାଉତ

ସମ୍ବନ୍ଧର ପରିଭାଷା ରାକ୍ଷୀ
ସମ୍ପର୍କର ଗୁଣଗାନ କରେ ରାକ୍ଷୀ
ବିଶ୍ୱକୁ ସ୍ନେହ,ପ୍ରେମର ବାର୍ତ୍ତା ଦିଏ ରାକ୍ଷୀ
ଦୁନିଆର ଶ୍ରେଷ୍ଠ ପରିଚୟ ରାକ୍ଷୀ ।

କର୍ଣ୍ଣାବତୀର ରାକ୍ଷୀ ପାଇ
ଚିଠି ପଢ଼ି ଆଖି ଲୁହ ରହିଲା ନାହିଁ
ଯାଇଥିଲେ ସୁଲତାନ୍ ହୁମାୟୁଁ
ଭଉଣୀ କର୍ଣ୍ଣାବତୀର ରକ୍ଷା ପାଇଁ .....।

ସ୍ନେହ,ପ୍ରେମର ବିସ୍ତାର ପାଇଁ
ସର୍ବ ଶ୍ରେଷ୍ଠ ଅଭିଯାନ ରାକ୍ଷୀ
ବିଶ୍ୱକୁ ମାନବତାର ବାର୍ତ୍ତା ଦିଏ ରାକ୍ଷୀ
ଶାନ୍ତି ମୈତ୍ରୀର ପ୍ରତିରୂପ ରାକ୍ଷୀ
ଦୁନିଆର ସର୍ବ ଶ୍ରେଷ୍ଠ ପରିଚୟ ରାକ୍ଷୀ।

ସୌହାର୍ଦ୍ଦ୍ୟତାର ପରିଭାଷା ବୁଝାଏ ରାକ୍ଷୀ
ମା'ପରେ ଭଉଣୀର ପବିତ୍ର
ସମ୍ପର୍କକୁ ବୁଝାଏ ରାକ୍ଷୀ
ନାରୀ ପ୍ରତି ସମ୍ମାନକୁ ବୁଝାଏ ରାକ୍ଷୀ
ନାରୀ ପ୍ରତି କର୍ତ୍ତବ୍ୟକୁ ବୁଝାଏ ରାକ୍ଷୀ
ବିଶ୍ୱକୁ ସମାନତାର ବାର୍ତ୍ତା ଦିଏ ରାକ୍ଷୀ
ଦୁନିଆର ସର୍ବ ଶ୍ରେଷ୍ଠ ପରିଚୟ ରାକ୍ଷୀ।

ଆଳି, ବାଲକାଟି,କେନ୍ଦ୍ରାପଡ଼ା
ମୋ:୯୭୧୧୦୬୯୪୨୫

## ରାକ୍ଷୀ
### ସୁରେନ୍ଦ୍ର ନାଥ ସାହୁ



ରେଶମ ସୂତାରେ
ପବିତ୍ର ବନ୍ଧନର ରଙ୍ଗ ମାଖି
ଭାଇ ଭଉଣୀ ପ୍ରେମର
ରହ ଚିର ସାକ୍ଷୀ
ଅସୁମାରି ଭାବ ବିଶ୍ୱାସରେ
ନିୟମ ଯୋଖି
ସେବା ସହାୟତା ସୁରକ୍ଷାର
ଉଭୟ ପକ୍ଷୀୟ
ପ୍ରେରଣାଦାୟକ ପଣ ରଖି
କାହିଁ କେଉଁ କାଳରୁ
ଅନବରତ ଚାଲି ଆସିଛି
ଯେ ରାକ୍ଷୀ।

ଭାଇ ଭଉଣୀ
ଉଭୟେ ଉଭୟଙ୍କ ପାଇଁ
ସୌଭାଗ୍ୟର ବରଦା ଆଶାବାଡ଼ି ।
ଭାଇ,ଭଉଣୀର ସୁଖ ଦୁଖର
ସବୁଠାରୁ ବଡ ସଖା
ଆଉ ଭଉଣୀ ଭାଇର
ଅତି ଅନ୍ତରଙ୍ଗ ନିକଟତମ ସଖି।
ସମ୍ବେଦନା ଏବଂ ସହାର୍ଦ୍ଦତାର
ଆମରଣ ଚଳାୟମାନ
ଏକ ସୁଢଳ ସୁନ୍ଦର ସମ୍ବନ୍ଧ
ଭାଇ ଭଉଣୀର ସମ୍ପର୍କ।
ଜଣେ ଜଣଙ୍କ ମଙ୍ଗଳ ମନାସି
ସଦା ସ୍ୱପ୍ନ ଦେଖୁଥାଉ
ଉଭୟଙ୍କ ଦୁଇ ହଳକ ଆଖି
କହି ଆସୁଛି ଯେ ରାକ୍ଷୀ।

ଅନାବିଳ ସଂସ୍ରବର ମହାନତା
ରକ୍ତ ଠାରୁ ଉପରକୁ ଯାଇ
ରଚିଛି ଅନେକ ସୁନ୍ଦର କଥା
ପୁରାଣ ବି ରଖିଛି ଲେଖି।
ବଳି ହାତେ ରାକ୍ଷୀ ବାନ୍ଧି
ଶ୍ରୀ ବିଷ୍ଣୁଙ୍କୁ ଶ୍ରୀଲକ୍ଷ୍ମୀ
ପାତାଳରୁ ବୈକୁଣ୍ଠ ପୁରକୁ
ଆଣି ପାରିଥିଲେ ଡାକି।
ଯେ ରାକ୍ଷୀ ସୁରକ୍ଷାର ପ୍ରତିସୃତି
ଦାନ ପ୍ରତିଦାନର ଆହୁତି।
ଯାହା ପାଇଁ
କୁରୁ ସଭାତଳେ
ବସ୍ତ୍ର ହରଣ ବେଳେ
ମହା ସତୀ ପାଞ୍ଚାଳିଙ୍କ ଲଜ୍ଜା
ଶ୍ରୀ କୃଷ୍ଣ ଥିଲେ ରଖି।
ଯେ ପବିତ୍ର ସମ୍ପର୍କ
ଯେତିକି ରକ୍ତର ସେତିକି ଧର୍ମର
ତ୍ୟାଗ ଆଉ କର୍ତ୍ତବ୍ୟର
ଯୁଗେ ଯୁଗେ
ସମୟ ରହିଛି ସାକ୍ଷୀ।

କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ- ୭୬୧୧୦୫
ମୋ-୮୧୨୮୯୧୯୨୫୬

## ସେନେହ ଡୋରୀ
### ନୂତନ କୁମାର ବେହେରା



'ରାକ୍ଷୀ' ନୁହେଁ କେବଳ ଏକ ରଙ୍ଗୀନ ସୂତାରେ
ତିଆରି ହୋଇଥିବା ଆଖି ଝଲସିଆ ସୁନ୍ଦର ଫୁଲ,
ଅବା ନୁହେଁ ଭାଇ ହାତେ ବାନ୍ଧି ଦେଲେ ଦିନେ
ମନ ଖୁସି ହୋଇଯିବ ବିନିମୟେ ପାଇଗଲେ ମୂଲ।
ଏ ତ ଜୀବନ ଯାକର ହୋଇଥାଏ ଏକ ସଂକଳ୍ପ
ଅନାବିଡ଼ ପବିତ୍ର ସଂପର୍କର ସେନେହ ଡୋରୀ,
ଭାଇ ଭଉଣୀ ମଧ୍ୟରେ ରଖିଥାଏ ଅତୁଟ ବନ୍ଧନ
କେହି କାହାକୁ ଯାଏନା ଭୁଲି ଅବା ପାସୋରି।
ଶ୍ରାବଣ ପୂର୍ଣ୍ଣିମା ଝରାଇ ଦିଏ ଚୁନା ଚୁନା ଜୋଛନା
କହେ, 'ରେ ମାନବ ଭାଇ ! ମୁଁ ଯେମିତି ବସୁଧାକୁ
ମୋ କୋମଳ ସ୍ନିଗ୍ଧ ଜୋଛନାର ଦେଉଛି ଭରି,
ତୁମେ ବି ସେମିତି ମୋ ପରି ହୋଇ ରହିବ
ଭଉଣୀ ଯେବେ ବାନ୍ଧି ଦେବ ସେନେହ ଡୋରୀ।
ଭାଇ ଭାବରେ ଢାଳି ଦେବ ହୃଦୟରୁ ଅନୁରାଗ
ହସ ଖୁସି ସୁରକ୍ଷା ଲାଗି ତାର ସଦା ଧ୍ୟାନ ଥିବ ରଖି,
କରୁଥିବ ସ୍ନେହ ଶ୍ରଦ୍ଧା ଜଣାଉଥିବ ସମବେଦନା
ଦୁନିଆଁ କହିବ ଧନ୍ୟ ତୁମ ତ୍ୟାଗ ଆଦର୍ଶ ଦେଖି'।
ଶ୍ରାବଣ ପୂର୍ଣ୍ଣିମାରେ ଏ ରାକ୍ଷୀ ଆସେ ପ୍ରତି ବରଷ
ଦେଖିବାକୁ ଭାଇ ଭଉଣୀର ଅଧରରେ ମଧୁହସ,
ଭାଇଟିଏ ଭାଇ ପରି ହୁଅ ଭଉଣୀ ବି ଭଉଣୀ ପରି
ଏକ ମାଆ ଏକ ଗର୍ଭର ବୋଲି ରଖ ବିଶ୍ୱାସ।
ଗୋଟିଏ ମାଆର ପେଟରୁ ଜନମି ତୁମେ ଦୁହେଁ
ବସୁଧା ମାଆର କୋଟିଏରେ ହୋଇ ରହୁ ଏକ,
ଏଠି ଭାବ ନ ଥିଲେ ସବୁ ତ ଦୁଃଖ ଅଭାବ
ମାଗିଲେ ବି ମିଳେ ନାହିଁ କାହାଠାରୁ ମୁଠେ ଭିକ।
କେତେ ଆଶା ଭରସାର ସେନେହ ଡୋରୀ ରାକ୍ଷୀ
ତୁମ ଗୁଣ ଚରିତ୍ରକୁ ପରଖି ହୋଇ ରହିବ ସାକ୍ଷୀ,
ତୁମେ ଆଖି ମେଲି ନ ଦେଖିଲେ ବି ସବୁ କିଛି
ତୁମକୁ ଦେଖୁଛି ଦେଖୁଥିବ କୋଟି କୋଟି ଆଖି।
ପାଇ ଥିଲେ ଦେଇ ପୁଣି ଦେଇ ଥିଲେ ପାଇ
ଭାବ ବିନିମୟର ଦାନ ପ୍ରତିଦାନ ସାରା ଦୁନିଆଁ,
ନିୟମ ବେନିୟମ କରି କେତେ ଦିନ ରହିବ
ସ୍ୱାର୍ଥ ଗର୍ବ ଅହଂକାରକୁ ଜାଳି ଦେବ ଜୁଇ ନିଆଁ।
ବୁଝେ ଯିଏ ସେନେହ ଡୋରୀର ନୀରବ ପରିଭାଷା
ତାଙ୍କ ଲାଗି ଭାଇଭଉଣୀ ପରସ୍ପରର ପରଶମଣି,
ଅବୁଝା ରହେ ଯିଏ ତା' ଲାଗି ରାକ୍ଷୀ ମୂଲ୍ୟହୀନ
କାଳ କାଳ ଯିବ ବିତି ପାରିବନି ସେ ଏ ଭାବ ଜାଣି।

କୋହି,ବାରିପଦା,ମୟୂରଭଞ୍ଜ।
ମୋ.: ୮୦୧୮୩୫୩୩୨୨

## ରାକ୍ଷୀ ଅଟଇଟି ସାକ୍ଷୀ ମୋର ଭାଇ
### ଝରଣା ବରେନ୍ଦ୍ର ଦାସ

ରାକ୍ଷୀ ଅଟଇଟି ସାକ୍ଷୀ ମୋର ଭାଇ
ରଖିବୁ ସଦା ମନରେ
ଝଡ ବାତ୍ୟା ନେଇ ବୋହୁ ଯେତେ ଝଞ୍ଜା
ଭୁଲିବିନି ଜୀବନରେ ।
ଗୋଟିଏ ଗଛର ଦୁଇଟି କଳି ଯେ
ଫୁଲ ଫଳ ରୂପେ ଆମେ
ମାଆ ବାପା କୋଳେ ହସି ଖେଳୁଥିଲୁ
ବଢ଼ିଥିଲୁ କ୍ରମେ କ୍ରମେ
ଆଜି ମୁଁ କେଉଁଠି ତୁ ବି ତ କେଉଁଠି
ନିୟତିର ନିର୍ଦ୍ଦେଶରେ। ।
ମନେ ପଡି ସବୁ ପିଲା ଦିନ କଥା
ଆଖି ଓଠ ଓଦା ହୁଏ
କେତେ ସ୍ନେହ ପୁଣି ମମତାରେ ବନ୍ଧା।
ହୋଇଥିଲୁ ଆମେ ଦୁହେଁ
ବାପା ମାଆ ସାଖୀ ଘର କମ୍ପୁଥିଲା
ମିଛ କଳି ଝଗଡ଼ାରେ।
ଅତୀତର ନାହିଁ ସେ ଦିନଟି ଆଜି
ବଡ଼ ହେଇଗଲୁ କେତେ
ଭେଟିବାକୁ ଥରେ ବେଳ ବି ମିଳେନା
ଯିଏ ଯାର କର୍ମ ପଥେ
ଧନ୍ୟ ମହାପୁରୁ ଲୀଳା ରଚିଛନ୍ତି
ବନ୍ଦାଣ ପୁନେଇଁ ନାମରେ ।
ବରଷକେ ଥରେ ଏ ଦିନ ମହିମା
ଆନତ ଶିରେ ସୀଉକାରି
ଭାଇର ମଙ୍ଗଳେ ଭଗ୍ନୀ ଅବଦାନ
ଯିବୁନି କେବେ ପାଶୋରି
ଅନ୍ତଃ ଝର ସାଜି ଅତୁଟ ବନ୍ଧନ
ବୋହୁଥିବ ହୃଦୟରେ ।
ଏ ନୁହେଁ କବିତା ହୃଦୟର ବାର୍ତ୍ତା
ଭାଇଠାରେ ଭଉଣୀର
ଯଶ ଆୟୁ ବୃଦ୍ଧି ହେଉ ମୋ ଭାଇର
ମାଗୁଣି ପ୍ରଭୁ ଛାମୁର
ମୋ ଭାଇ ଜୀବନ କରନ୍ତୁ ମହାନ
ଯଶ ରଖି ଖିତି ପରେ ।

+କଲ୍ୟାଣ ନଗର, ଅଙ୍ଗାରଗଡିଆ
ବାଲେଶ୍ୱର

## ପବିତ୍ର ବନ୍ଧନ
### କୀର୍ତ୍ତନ ସାହୁ



ରାକ୍ଷୀ
ପବିତ୍ର ବନ୍ଧନର ସାକ୍ଷୀ
ଭାଇ ଭଉଣିଙ୍କ
ଅନାବିଳ ପ୍ରେମର ବନ୍ଧନ
ରେଶମୀ ଡୋରି
ଭାଇ ହାତେ ବାନ୍ଧି ଦିଏ ଭଉଣି
ଅତି ଆନ୍ତରିକତା ଭରା
ହୃଦୟ ସହ ହୃଦୟ
ମିଶିବାର ଶ୍ଳୋକୁ
ଅତୁଟ କରି
ଭାରି ମନେ ଭରିଯାଏ
ଅସୀମ ସାହସ
ଭଉଣିର ଦାୟିତ୍ୱ
ତାର ହେଇ ଯାଏ
ତା ଆଖିରେ ଲୁହ
ଝରିବାକୁ ଦିଏନା
ଝୁଣ୍ଟି ପଡ଼ିଲେ ହାତ ଧରି
ଉଠାଇ ନିଏ
ଅନ୍ଧାରରେ ଆଲୁଅ ଦେଖାଏ

ଦିନେ ଦ୍ରୌପଦୀ ବାନ୍ଧିଥିଲେ
ରାକ୍ଷୀ ନିଜ ପିନ୍ଧା ବସନ ଚିରି
ପ୍ରଭୁ ଶ୍ରୀକୃଷ୍ଣଙ୍କ ହାତରେ
ସମସ୍ତ ବିପଦ ବେଳରେ
ସେ ଉଭା ହୋଇଥିଲେ
ଅଭୟ ମୁଦ୍ରାରେ
ମାନ ରକ୍ଷା କରି ଥିଲେ
କୁରୁସଭା ସ୍ଥଳେ ବସ୍ତ ଦେଇ

ଗୋମାତାଙ୍କର ପୂଜା ପାଇଁ
ଏକ ପବିତ୍ର ଦିନ
ଗହ୍ମା ପୂର୍ଣ୍ଣିମା ନାମେ ଖ୍ୟାତ
ପ୍ରଭୁ ବଳଭଦ୍ର ହଳଧରଙ୍କ
ଜନ୍ମ ଦିନ
ହଳ ଲଙ୍ଗଳ ଧାରଣ
ଗୋମାତାଙ୍କର ସବୁ
ଦାୟିତ୍ୱ ନିଆଯାଏ
ତାଙ୍କ ସେବା
ଏକ ମହାନ କାର୍ଯ୍ୟ
ହିନ୍ଦୁ ଶିଖ ମାନଙ୍କର
ଏକ ମହାନ ପର୍ବ
ପବିତ୍ର ବନ୍ଧନର ପ୍ରତୀକ ।
ଞ୍ଚଞ୍ଚ

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ନିଆରା ପରବ ରାକ୍ଷୀ
### ଧ୍ରୁବ ଚରଣ ବେହେରା

ଅତୁଟ ସଂପର୍କ ସେନେହର ଡୋର
ଭାଇ ସାଙ୍ଗେ ଭଉଣୀର
ପବିତ୍ର ବନ୍ଧନ ସୁନାର ସପନ
ଏହି ବଡ ଉପହାର।

ସୁତା ଖିଅ ଟିଏ ଜୀବନର ଲାଗି
ରକ୍ଷାର କବଚ ସାଜେ
ବିପଦ ଆପଦେ ଭଉଣୀ ହିଁ ସଦା
ଭାଇର ସାହାର୍ଯ୍ୟ ଖୋଜେ ।

ସ୍ନେହ ମମତାର ନୂଆ ସ୍ମୃତି ହୋଇ
ରହି ଯାଏ କାଳ କାଳ
ତଥାପି ମଣିଷ ଖୋଜଇ ବନ୍ଧନ
ସମୟର ଏହି ଖେଳ ।

ଆତ୍ମିୟତା ସାଥେ ପରଶି ଦିଅଇ
ନୈତିକତା ମୂଲ୍ୟବୋଧ
ଆମରି ସଂସ୍କୃତି ଲାଗଇ ନିଆରା
ସତେକି ପ୍ରେମ ଆୟୁଧ ।

ବଳଦେବ ଜନ୍ମ ମନାନ୍ତି ସଭିଏଁ
ଗ୍ରାମରୁ ସହର ଯାଏ
ଶ୍ରୀମନ୍ଦିରେ ହୁଏ ଉତ୍ସଭ ମୁଖର
ରାକ୍ଷୀ ପର୍ବ ଗାଥା ଗାଏ ।

ଅଲିଅଳୀ ସ୍ନେହୀ ସୁନା ନାକୀ ଗୋରୀ
ସୁଭଦ୍ରା ବାନ୍ଧନ୍ତି ରାକ୍ଷୀ
ଦୁଇ ଭାଇ ହାତେ ଶୋଭା ପାଏ ଡୋର
ହସୁଥାନ୍ତି ଚକାଆଖି ।

ଗୋରୁଙ୍କର ପୂଜା ଆମ ପରମ୍ପରା
ଗହ୍ମା ପର୍ବ ସୁଖ ଭରା
ପିଠା ପଣା ଭରି ମହକଇ ପୁର
ଶ୍ରାବଣ ପୁନେଇଁ ପରା ।

ନିଆରା ସଂସ୍କୃତି ସ୍ମୃତିର ପରବ
ରାକ୍ଷୀର ଶୋଭା ଯାତରା
ଆହା କି ସୁନ୍ଦର ଏହି ମୋ ଭାରତ
ଅନେକରେ ଏକ ହୀରା ।

ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ରାକ୍ଷୀ
### ରମାକାନ୍ତ ଦାସ



ସେନେହର ସୂତାଟିଏ ସରାଗର ଡୋରି
ଭାଇ ହାତେ ଭଉଣୀର ବିଶ୍ୱାସର ଡୋରି।

ଭାଇ ଭଉଣୀଙ୍କ ସମ୍ପର୍କର ମୂକସାକ୍ଷୀ
ଅସୀମ ସ୍ନେହର ପ୍ରତୀକ ଅଟଇ ରାକ୍ଷୀ ।

ସ୍ନେହ ମମତାର ଏକ ପବିତ୍ର ବନ୍ଧନ
ଭାଇ- ଭଉଣୀଙ୍କ ସମ୍ପର୍କକୁ ରଖଇ ଅକ୍ଷୁର୍ଣ୍ଣ ।

ଚନ୍ଦନ, ସିନ୍ଦୂର ଭାଇ ମସ୍ତକେ ଲଗାଇ
ଭାଇ ହାତେ ଭଉଣୀ ରାକ୍ଷୀ ଯେ ବନ୍ଧାଇ ।

ରାକ୍ଷୀ ବାନ୍ଧି ଭାଇର ଶୁଭ ସେ ମନାସେ
ପାର୍ଥନା କରଇ ନିତି ପ୍ରଭୁଙ୍କର ପାଶେ ।

ପାଉଣା ବଦଳେ ମାଗେ ଟିକିଏ ସୁରକ୍ଷା
ବିପଦେ ଆପଦେ କରିବା ପାଇଁ ରକ୍ଷା ।

ଭାଇ ପାଇଁ ରାକ୍ଷୀ ଅମୂଲ୍ୟ ଅଳଙ୍କାର
ଭଉଣୀ ପାଇଁ କବଚଟିଏ ସୁରକ୍ଷାର ।

ସୂତା ନୁହେ ସେତ ସ୍ନେହର ବନ୍ଧନ
ଅତୁଟ ରଖେ ସମ୍ପର୍କ ସାରା ଜୀବନ ।

ରାକ୍ଷୀ ସୂତ୍ରଟିଏ ଅଛିଣ୍ଡା ବନ୍ଧନର
ରାକ୍ଷୀ ସୂତ୍ରଟିଏ ଅତୁଟ ବିଶ୍ୱାସର ।

ରାକ୍ଷୀ ଏକ ଅନନ୍ତ ବନ୍ଧନ ଏ ସୃଷ୍ଟିର
ପ୍ରତୀକ ଅନାବିଳ ସ୍ନେହ ଓ ଶ୍ରଦ୍ଧାର ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯

## ରାକ୍ଷୀ ପୂର୍ଣ୍ଣିମା
### ସୁନୀଲ କୁମାର ପ୍ରଧାନ



ଭାଇ ଭଉଣୀର ଅତୁଟ ବନ୍ଧନ
ପରମ୍ପରା ଅଟେ ଏହି
ରକ୍ଷାର କବଚ ଭାଇ ହାତେ ବାନ୍ଧେ
ରଜ୍ଜୁ ଥାଏ ସାକ୍ଷୀ ହୋଇ ।

ଗହ୍ମା ପୂର୍ଣ୍ଣିମାରେ ପ୍ରଭୁ ବଳରାମ
ମର୍ତ୍ତ୍ୟ ଭୂମିରେ ଜନମ
ହଳ ଲଙ୍ଗଳକୁ ପୂଜା କରାଯାଏ
ରହିଛି ଏହି ନିୟମ ।

ଶ୍ରାବଣ ମାସରେ ପଡେ ଏହି ପର୍ବ
ଗଣପର୍ବ ନାମେ ଖ୍ୟାତ
କାଳିଆ ସାଆନ୍ତ ପ୍ରଭୁ ବଳଭଦ୍ର
ପାଳନ୍ତି ଜାଣ ସଙ୍ଗାତ ।

ଦୁଇ ପ୍ରଭୁଙ୍କର ଦୁଇଗୋଟି ହସ୍ତେ
ବାନ୍ଧିଣ ରକ୍ଷା ବନ୍ଧନ
ସମାଜକୁ ଏକ ବାର୍ତ୍ତା ଦେଉଥାଏ
ଭଉଣୀ ସୁଭଦ୍ରା ଜାଣ ।

ଭଉଣୀକି ମୋର ଶୁଭେଚ୍ଛା ଜଣାଏ
ପବିତ୍ର ପରବ ଲାଗି
ଘଣ୍ଟ ଗୋଡ଼ାଇଣ ରଖ ମହାବାହୁ
ମନ ମୋର ଯାଉ ଲାଖି ।

ଝାଟିପଦର, ପାଲୁର, ଗଂଜାମ
ମୋ: ୭୬୦୯୯୩୪୩୬୬

## ରାକ୍ଷୀ
### ଭବାନୀ ଶଙ୍କର ନାୟକ



ରାକ୍ଷୀ ନିଆଁର ଝୁଲ ଟିଏ ।
ଜାଳେ.....
ଭାଇ ଭଉଣୀ ହୃଦୟରେ
ସାଇତା ଥାକଥାକ
ସ୍ନେହର କାଗଜ ଟୁକୁରାକୁ
ରୋଷଣି କରି ।
ଘଞ୍ଚ ଅରଣ୍ୟର ସରୁ ବାଟରେ
ଏକା ଚାଲିବାରେ
ଆଉ ଭୟ ନଥାଏ କି
ଆପତ୍ତି ନଥାଏ
ଅନ୍ଧାରକୁ ନିଜର କରିବାକୁ ।

ରାକ୍ଷୀ ବରଫ ଖଣ୍ଡ ଟିଏ ।
ଜମାଟ ବାନ୍ଧେ.....
ଭାଇ ଭଉଣୀର ହୃଦୟରେ,
କେବେବି ତରଳି ଯାଏନି
ମରୁର ଫୁଟନ୍ତା ଖରାରେ ।
ସେଥିପାଇଁ ବୋଧେ
ଭାଇ ଭଉଣୀ ଠାରୁ
ଯେତେ ଦୂରେ ଥିଲେବି
ନିମିଷକେ ଦଉଡ଼ି ଆସେ
ସମୟର ଅସମୟରେ ।

ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧

## ବନ୍ଧନ

### କବିତା ପଣ୍ଡା

ରାକ୍ଷୀରେ ରାକ୍ଷୀ ତୁ
ରହି ଦେରେ ମାନ
ଭାଇ ଭଉଣୀର
ପବିତ୍ର ବନ୍ଧନ।
ଭାଇ ଭଳି ଆଉ
କିଏ ଅବା ଅଛି
ଭଉଣୀର ଅଳି
ସହେତ ସେ ବେଶୀ ।
ଛାଇ ଭଳି ତା'କୁ
ଭାବିତ ସେ ଥାଏ
ସବୁ ଦୁଃଖେ ସୁଖେ
ଆଗରେ ତ ଥାଏ।
ସବୁ ରାଗ ରୋଷ
ଦୂର ହୋଇ ଯାଏ
ରାକ୍ଷୀ ସାଜି ସାକ୍ଷୀ
ବନ୍ଧନ କୁ ଯୋଏ।
ବରଷ କେ ପରେ
ଆସିଛି ରେ ଆଜି
ଭାଇ ହାତେ ପୁଣି
ବାନ୍ଧିବା ତ ରାକ୍ଷୀ।
ଧୂପ ଦୀପ ଫୁଲ
ସଜାଡ଼ି ଯେ ସର୍ବ
ବନ୍ଦାପନା କରେ
ହୋଇ ସେ ଯେ ହର୍ଷ ।

+ମଙ୍ଗଳପୁର ସୋର ବାଲେଶ୍ୱର
ମୋ: ୭୭୩୫୭୭୬୩୪୨

## ପିନ୍ଧିବୁ ମୋ ରାକ୍ଷୀ

### ଜୟନ୍ତ କୁମାର ମଲ୍ଲିକ୍

ମନେ କରି ଭାଇ ପିନ୍ଧିବୁ ମୋ ରାକ୍ଷୀ
ପଠାଇ ଥିଲି ମୁଁ ଡ଼ାକରେ -
ମିଠା କିଣି ଆଣି ଖାଇବୁ ନିଶ୍ଚୟ
ଟଙ୍କା ଅଛି ବହି ଥାକରେ,
ଡାହାଣ ହାତରେ ବାନ୍ଧିଲୁ କି ନାହିଁ
ଫଟଟିଏ ଦେବୁ ଉଠାଇ -
ସେଇ ଫଟ ଟିକୁ ଶରଧାରେ ନିଶ୍ଚେ
ଇମେଲରେ ଦେବୁ ପଠାଇ,
ନଦେଖିବା ଯାଏଁ ଖାଇବିନି କିଛି
ତୋ ହସିଲା ମୁହଁ ଆଖିରେ -
ନହେଲେ ଜାଣିଥା ତୋ ଉପରେ ରାଗି
ଉପାସେ ଶୋଇବି ରାଖୀରେ,
ଛୁଟି ନଥିବାରୁ ଘରୁ ଚାଲିଗଲୁ
ନଆସିଲୁ ଆଉ ଫେରିକି-
ଏସମୟେ ତୁତ ଥିଲେ ଆମ ପାଶେ
ବାନ୍ଧିଥାନ୍ତୁ ଆମେ ଘେରିକି,
ମୋ ରାକ୍ଷୀ ପାଉଣା ରହିଲା ତ ବାକି
ନେବି ତୁ ଆସିଲେ ଘରକୁ -
ରାକ୍ଷୀ ବାନ୍ଧିବାକୁ ବଞ୍ଚିତ ଯେମିତି
ନକରିବୁ ଆଉ ଥରକୁ ।

+ଶୂରଡ଼ିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ରାକ୍ଷୀ ଯେ ସଂଯୋଗ ସେତୁ

### ସୁସ୍ମିତା ଦାସ

ଭାଇ ଭଉଣୀର ଭାବ ସାଗରରେ
ରାକ୍ଷୀ ଯେ ସଂଯୋଗ ସେତୁ -
ତା ଶୁଭ ଦୃଷ୍ଟିରେ ଗତି ବଦଳାଏ
ଅଶୁଭର ଧୂମକେତୁ,
ପବିତ୍ର ବନ୍ଧନେ ବାନ୍ଧିଥାଏ ସେତ
ଭାଇ ଭଉଣୀଙ୍କ ମନ -
ତା ସାଥିରେ ସରି ହୋଇ ନପାରିବ
କୋଟି କୁବେରର ଧନ,
ତା ଦିବ୍ୟ ପରଶେ ଏ ଜଗତ ହସେ
ମମତାର ଫୁଲ ବାସେ -
ସାରା ଦୁନିଆର ସେନେହ ମମତା
ଉଭା ହୁଏ ଆସି ପାଶେ,
ସୁଭଦ୍ରା ପରିକା ସୁନା ଭଉଣୀଙ୍କ
ହାତରେ ହସଇ ରାକ୍ଷୀ -
ଶ୍ରେଷ୍ଠ ଭାଇ ଭାବେ ଜଗା ବଳିଆ ତ
ରହିଛନ୍ତି ଆମ ସାକ୍ଷୀ,
ରାକ୍ଷୀ ପୁନେଇଁର ଶୁଭ ଅବସରେ
ସବୁ ଭାଇଙ୍କୁ ମୋ ଅଳି -
ଭଉଣୀ ମାନଙ୍କ ମାନ ରଖୁଥାନ୍ତୁ
କରନ୍ତୁ ପଛକେ କଳି,
ଭଉଣୀଙ୍କୁ ସଦା ହେଉଥାନ୍ତୁ ସାହା -
ସୁରକ୍ଷା ବଳୟ ସାଜି -
ରାକ୍ଷୀର ଝଲକେ ଏ ଧରା ମୂଳକେ
ନରହନ୍ତୁ ଦୁଷ୍ଟ ପାଜି।

+କଣ୍ଠାବଣିଆ, ଛତ୍ରପଡ଼ା,
ଯାଜପୁର

# ଉତ୍କଳୀୟ ସଂସ୍କୃତିରେ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ

## ବିଶ୍ୱବିଜୟୀ ଦାଶ



ଓଡ଼ିଶା ଏକ କଳା,ସଂସ୍କୃତି,ଐତିହ୍ୟ ପରମ୍ପରା ସମ୍ପନ୍ନ ରାଜ୍ୟ। ଓଡ଼ିଶାର ଏକ ପାରମ୍ପରିକ ପର୍ବ ହେଲା ଗହ୍ମା ପୂର୍ଣ୍ଣିମା ଓ ରାକ୍ଷୀ ପୂର୍ଣ୍ଣିମା। ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ପ୍ରଭୁ ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଏବଂ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି ।ଓଡ଼ିଶାର ସବୁଆଡ଼େ ଅତି ଆନନ୍ଦଉଲ୍ଲାସରେ ପ୍ରତ୍ୟେକ ଚାଷୀ ଏବଂ ପରିବାରରେ ଏହି ପର୍ବ ଆଦର ଯତ୍ନରେ ପାଳନ ହୁଏ। ଗୋମାତା ପୂଜାସାରି ଚାଷୀ ମାନେ ନିଜ ନିଜ ଜମିବାଡ଼ିରେ ମଧ୍ୟ ଫୁଲ, ଦୀପ ଏବଂ ପିଠା ଦାନକରି ଭଲ ଫସଲ ଅମଳ ପାଇଁ ପ୍ରାର୍ଥନା କରିଥାନ୍ତି।ଏହି ପବିତ୍ର ଜନ୍ମୋତ୍ସବ ବିଧି ବିଧାନର ସହ ଶ୍ରୀମନ୍ଦିର ରେ ଅନୁଷ୍ଠିତ ହୋଇଥାଏ। ରାକ୍ଷୀ ପୂର୍ଣ୍ଣିମା ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ପାଳନ ହୋଇଥାଏ। ଶ୍ରୀମନ୍ଦିରରେ ଦେବୀ ସୁଭଦ୍ରା ତାଙ୍କ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ପ୍ରଭୁ ଜଗନ୍ନାଥଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି।

ଭାଇ ଉଉଣୀଙ୍କ ପବିତ୍ର ବନ୍ଧନ ରକ୍ଷାବନ୍ଧନ।ଏହା ମନେପକେଇ ଦିଏ ଭାଇ-ଭଉଣୀଙ୍କ ସ୍ନେହ ଓ ପ୍ରେମର କାହାଣୀ। ଏନେଇ ଏହି ଉତ୍ସବ ସେମାନଙ୍କ ପାଇଁ ସ୍ୱତନ୍ତ୍ର ହୋଇଥାଏ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ନିଜ ଭାଇ ପ୍ରତି ଥିବା ପ୍ରେମକୁ ଦର୍ଶାଇଥିବାବେଳେ ଭାଇ ମଧ ସାରା ଜୀବନ ଭଉଣୀକୁ ସୁରକ୍ଷା ଦେବାକୁ ପ୍ରତିଜ୍ଞା କରିଥାଏ। ଏହି ବିଶେଷ ଅବସରରେ ଭାଇ ଓ ଭଉଣୀମାନେ ପରସ୍ପରକୁ ଉପହାର ଦେଇ ଖୁସି ମନେଇଥାନ୍ତି। ଭାଇ ହାତରେ ବନ୍ଧା ଯାଉଥିବା ସାଧାରଣ ସୂତାଟିଏ ଭଉଣୀ ପାଇଁ ସାରା ଜୀବନ ସାଜିଯାଏ ରକ୍ଷା କବଚ। ଏହି ସ୍ନେହ-ପ୍ରେମର ବନ୍ଧନରେ ବାନ୍ଧି ହୋଇ ଭାଇ ନିଜ ଭଉଣୀର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ରାଜି ହୋଇଯାଏ। ତେବେ ଏହି ପ୍ରରମ୍ପରା ଆଜିକାଲିର ନୁହେଁ, ଏହା ପ୍ରାଚୀନ।

ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ଅସୁର ସମ୍ରାଟ ବଳି ଭଗବାନ ବିଷ୍ଣୁଙ୍କର ଜଣେ ବଡ ଭକ୍ତ ଥିଲେ, ତାଙ୍କ ଉପରେ କୈାଣସି ବିପଦ ଆସୁ ଏହା ବିଷ୍ଣୁ ଚାହୁଁ ନ ଥିଲେ । ତେଣୁ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗକରି ବଳିର ରାଜପ୍ରାସାଦରେ ଅବସ୍ଥାନ କଲେ। ତେଣେ ମହାଲକ୍ଷ୍ମୀ ଏହା ଚାହୁଁ ନଥିଲେ।ସେ ଚାହୁଁ ଥିଲେ ବିଷ୍ଣୁ ତାଙ୍କ ସହ ବୈକୁଣ୍ଠରେ ଅବସ୍ଥାନ କରନ୍ତୁ। ଏହାର ଏକ ଉପାୟ ଚିନ୍ତାକରି ଲକ୍ଷ୍ମୀ ବ୍ରାହ୍ମଣୀ ବେଶରେ ବଳିକୁ ଭେଟିଲେ । ଶ୍ରାବଣ ପୂର୍ଣ୍ଣମୀରେ ସେ ବଳି ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ । ଏହାପରେ ଜଣେ ଭାଇ ହିସାବରେ ଲକ୍ଷ୍ମୀଙ୍କ କଥା ବୁଝିବା ବଳିଙ୍କର କର୍ତ୍ତ୍ୟବ୍ୟ ଥିଲା । ଲକ୍ଷ୍ମୀ କଣ ଚାହୁଁଛନ୍ତି ଜାଣିବାପରେ ସେ ବିଷ୍ଣୁଙ୍କୁ ବୈକୁଣ୍ଠରେ ରହିବାକୁ ଅନୁରୋଧ କରିଥିଲେ ।

ମହାଭାରତରେ ମଧ ଏପରି ଏକ ପୌରାଣିକ କାହାଣୀ ରହିଛି ।କାହାଣୀଟି କୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହେଇଯାଇଥିଲା । ଦ୍ରୌପଦୀଙ୍କ ମଧରେ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ରଦାନକରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ।ଏହି ପବିତ୍ର ଗହ୍ମାପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ସମସ୍ତ ଜନସାଧାରଣ ଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା।

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋବାଇଲ୍ ନଂ- ୬୩୭୦୨୦୮୪୨୮

# ସ୍ନେହର ବନ୍ଧନ ରକ୍ଷାବନ୍ଧନ

## କାଳି ଦାସ



ଭାଇ ଭଉଣୀଙ୍କ ସ୍ନେହ ର ନିଦର୍ଶନ ହେଲା ରକ୍ଷାବନ୍ଧନ। ସମୟ ର ସ୍ରୋତ ରେ ଭାଇ ଭଉଣୀ ନିଜ ନିଜ ର ସଂସାର ର ଦୁଃଖ ସୁଖ ଭିତରେ ବୁଡିଯାଇଛନ୍ତି। ପରିଚୟ ବଦଳିଯାଇଛି, ଆବଶ୍ୟକତା ମଧ ଅଲଗା ହୋଇଯାଇଛି,ଅନେକ ସମସ୍ୟା ଦେଇ ଗତିକରିଛନ୍ତି । ବୟସ ର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି ।"ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହିଶୈଶବ, ଯେତେବେଳେ ସେମାନେ ଏକାଠି ବଢିଛନ୍ତି, ଖାଇଛନ୍ତି, ଖେଳିଛନ୍ତି ଝଗଡା ମଧ କରିଛନ୍ତି।ଯେଉଁ ଜୀବନ କୁ ସେମାନେ ପଛ ରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତି କୁ ସାଉଣ୍ଟି ନେଇ ରାକ୍ଷୀ ର ରଙ୍ଗୀନ ସୂତା ରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ ।

ଚତୁର୍ମାସ୍ୟା ର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସ ର ପୂର୍ଣ୍ଣିମା କୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ।ଶ୍ରାବଣ ପୂର୍ଣ୍ଣିମା କୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ କହିଥାଉ।ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ।ବଳଦେବ ଙ୍କୁ ହଲଧର ମଧ କୁହାଯାଏ।ଶ୍ରାବଣ ପୂର୍ଣ୍ଣିମା ରେ ହଳଲଙ୍ଗଳ କୁ ପୂଜା କରାଯାଏ।ଭଗବାନ ଶ୍ରୀ କୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାର ରେ ଗାଈ ସହିତ ଜଡିତ ଥିଲେ।ବୃନ୍ଦାବନ ରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବା ର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ , ବାଛୁରି ଓ ବଳଦ କୁ ଏହି ଦିନ ରେ ପୂଜା କରାଯାଇଥାଏ ପିଠା ଖୁଆ ଯାଇଥାଏ।ଭାରତୀୟ ସଂସ୍କୃତି ରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି।ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁ ରୁ ବହୁରିଥିବା ଗାଈ ପଲ ଓ ଗୋଧୂଳି ବେଳା ରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ୱା ବାଡି ଧରି ଓଡଉଥିବା ଗୌଡ଼।ଗାଁ ର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତି ରେ ଗାଈ ଓ କୃଷି ର ମହତ୍ୱ ସବୁ ଦିନ ରହିଛି ।

ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବ ରୁ ଦୋକାନ ବଜାର ରେ ରଙ୍ଗ ବେରଙ୍ଗ ର ରାକ୍ଷୀ ଦେଖିବା କୁ ମିଳିଥାଏ । ଦୂର ରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି।ଭଉଣୀ ପଠାଇଥିବା ରାକ୍ଷୀ କୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତ ରେ ବାନ୍ଧିଥାନ୍ତି ।

ରାକ୍ଷୀ ବାନ୍ଧିବା ପଛରେ ଭହୁଣୀ ର ଭାଇ ପାଇଁ ରହି ଥିବା ସ୍ନେହ ଜଣା ପଡେ। ଭଉଣୀ ଭାଇ ର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀ ର ରକ୍ଷା ପାଇଁ ଭାଇ ମଧ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ।

ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀ ରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇଥିଲେ।ରାଣୀ କର୍ଣ୍ଣବତି ଚିତୋର ର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ।ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟ ର ଶାସକ ସୁଲତାନ ବାହାଦୁର ସାହା ଚିତୋର କୁ ଆକ୍ରମଣ କରିଥିଲେ। ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋର ର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇ ଜଣେ ଭଉଣୀ ର ଧର୍ମ ପାଳନ କରିଥିଲେ। ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀ ର ରାଜ୍ୟ କୁ ବଞ୍ଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଞ୍ଚିବା ଡେରି ହୋଇଯାଇଥିଲା।ଚିତୋର ର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରିସାରିଥିଲେ। ଏହି ପରମ୍ପରା କୁ ଆଖି ରେ ରଖି ଆଜି ମଧ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ,ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତ ରେ ରାକ୍ଷୀ ବାନ୍ଧି ଥାନ୍ତି ।

ରାକ୍ଷୀ ପର୍ବ କୁ ମୁଖ୍ୟତଃ ଜୈନ ଧର୍ମ ର ଲୋକ ଏବଂ ହିନ୍ଦୁ ଧର୍ମ ର ଲୋକମାନେ ପାଳନ କରିଥାନ୍ତି। ସହର ବଜାରର ମିଠା ଦୋକାନ,ଫଳ ଦୋକାନ ଗୁଡିକ ରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ। ଲୋକମାନେ ମିଠା ଓ ଫଳ ନେଇ ଘର କୁ ଯାଇଥାନ୍ତି । ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତ ରେ ରାକ୍ଷୀ ବାନ୍ଧିଥାନ୍ତି ଆଳତି ର ଥାଳି ଧରି ଭାଇଙ୍କୁ ଅଳତି ମଧ କରିଥାନ୍ତି।ରାକ୍ଷୀ ଅବସର ରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି।ପୁରୀଜଗନ୍ନାଥ ମନ୍ଦିର ରେ ମଧ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ। ପାଟରା ବିଶୋଇ ସେବାୟତ,ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ। ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି।ଭଗବାନ ବଳଭଦ୍ର ଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗ ର ରାକ୍ଷୀ ତିଆରି କରାଯାଇଥାଏ।ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗ ର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ। ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ।

ଓଡିଶା ରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମା ରେ ମଣ୍ଡା ମିଠା ତିଆରି କରାଯାଇଥାଏ।ଗଞ୍ଜାମ ଜିଲ୍ଲା ର ଗାଁ ମାନଙ୍କରେ ବିଭିର୍ନ୍ନ ଖେଳ ର ପ୍ରତିଯୋଗୀତା ର ପରମ୍ପରା ରହିଛି।ଯେଉଁମାନେ ଖେଳ ର ପ୍ରତିଯୋଗୀତା ରେ କୃତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ କରାଯାଇଥାଏ।

ଆମ ଜୀବନ ବିଭିର୍ନ୍ନ ସମ୍ପର୍କ କୁ ନେଇ ପରିପୂର୍ଣ୍ଣ। ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା।ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି,କେତେ ଖରା ରେ ସିଝିଛନ୍ତି,କେତେ ବର୍ଷା ରେ ଭିଜିଛନ୍ତି,ଶିତ ରେ ଥରିଛନ୍ତି,ହାତଧରା ଧରି ହୋଇ ବଡ ହୋଇଛନ୍ତି। ଘର ର ଚାରି କାନ୍ଥ ଭିତରୁ ମିଶି କରି ବାହାରକୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ।ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି।ସେହି ସ୍ମୃତି ଯାହା ଭୁଲିବାର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯



## ରକ୍ଷା ବନ୍ଧନ

### କମଳ ଲୋଚନ ପଣ୍ଡା

ଜଗତେ ସବୁଠୁ ସୁନ୍ଦର ସମ୍ପର୍କ
ଭାଇ ଆଉ ଭଉଣୀର
ସବୁଠୁ ନିଆରା ବନ୍ଧନ ଅଟଇ
ରାକ୍ଷୀ ବନ୍ଧନ ଆମର ।

ଭାଇ ଭଉଣୀର ଅମିଳନ ସ୍ମୃତି
ଏଇ ସେ ରକ୍ଷା ବନ୍ଧନ
ହୃଦୟ ତନ୍ତିରେ ଭାଇ କାନ୍ଦୁଥାଏ
ଭଉଣୀ ପ୍ରେମ ମହାନ ।

ସମ୍ପର୍କ ନାମରେ ମୁକୁତାଟିଏ ଯେ
ଭାଇ ଭଉଣୀର ପ୍ରେମ
ରାକ୍ଷୀଟିଏ ବାନ୍ଧି ଋଣୀ ହୁଏ ଭାଇ
କେହି ନୁହେଁ ଭାଇ ସମ ।

ଭଉଣୀକୁ କେବେ ଗାଳି କରିଦେଲେ
ଭାଇ ହୃଦେ ଫୁଟେ କଣ୍ଟା
ବୃଦ୍ଧବୟସ୍ଥାରେ ବି ତା ଦୁଆରେ ଯାଇ
ଠିଆ ହୁଏ ସଳଖି ଅଣ୍ଟା ।

ରାକ୍ଷୀର ପାଉଣା ନ କରିବ ଊଣା
ଭାଇଟି ଶପଥ କରେ
ରାକ୍ଷୀ ମାନ ରଖି ଭଉଣୀ ମନରେ
ବିପଦେ ସାହସ ଭରେ ।

+ନୀଳଗିରି, ବାଲେଶ୍ୱର
ମୋ: ୮୯୧୭୩୪୦୮୮୯

## ରକ୍ଷା ବନ୍ଧନ

### ନିରଞ୍ଜନ ସାହୁ

ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କେ
ସେତୁବନ୍ଧଟିଏ ରାକ୍ଷୀ
ଭାଇ ହାତେ ରାକ୍ଷୀ ବାନ୍ଧିଦିଏ ଭଗ୍ନୀ
ପ୍ରଭୁ ବଳଭଦ୍ର ସାକ୍ଷୀ ।

ଭଉଣୀ ସୁରକ୍ଷା ଲୋଡ଼େ ଭାଇଠାରୁ
ଭାଇ ତା'ର ରକ୍ଷାକାରୀ
ଆପଦେ ବିପଦେ ଭାଇ ଛିଡା ହୁଏ
ଭାଇ ଆପଣାର ଭାରି
ଭାଇଭଉଣୀର ଦୂରତା ମାପିଲେ
ହୋଇଥାଏ ପାଖାପାଖି ।

ଭାଇ ପରି କିଏ ହେବ ଏ ସଂସାରେ
ଭଉଣୀ ସୁରକ୍ଷା ପାଇଁ
ଭଉଣୀର କିଛି ଅସୁବିଧା ହେଲେ
ଭାଇ ଆସିଥାଏ ଧାଇଁ
ଭଉଣୀକୁ ଟିକେ ଦେଖିଦେଲା ପରେ
ପୁରିଯାଏ ଭାଇ ଆଖି ।

ବଡ଼ଦେଉଳରେ ବଡ଼ଠାକୁର ଯେ
ଦେଇଛନ୍ତି ଏହି ଶିକ୍ଷା
ସେହିକଥା ହେଉ ଜୀବନେ ଆମର
ସବୁଠାରୁ ବଡ଼ ଦୀକ୍ଷା
ସୁଭଦ୍ରାଙ୍କ ରଥେ ବିଜେ ସୁଦର୍ଶନ
ଭାଇ ତା'ର ମନଲାଖି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :--- ୯୯୩୮୭୪୧୫୮୩



## ରାକ୍ଷୀ : ଏକ ମଧୁସିକ୍ତ ଅନୁରାଗ

### ଶରତ କୁମାର ଦାସ

ରାକ୍ଷୀ,
କିଏ କହେ ତମେ
ଏକ ନିର୍ଜୀବ ସୂତାର ଖିଅ,
ପ୍ରାଣସତ୍ତାହୀନ ନୀରବ ସ୍ପନ୍ଦନ
ଆବେଗହୀନ
ସୁପ୍ତ ଚେତନାର ଏକ
ତିକ୍ତ ଓ ରିକ୍ତ ଉପପାଦ୍ୟ ।
ପୁଣି କିଏ କହେ ତମେ
ନିଃସଙ୍ଗ ଜୀବନର
ଏକ ସିକ୍ତ ଆବେଗ ,
ନିଃଶବ୍ଦ ମୁହୂର୍ତ୍ତର
ମୁଗ୍ଧ କୋଳାହଳ ,
ତପ୍ତ ମରୁରେ ଆଂଜୁଳାଏ
ଶୀତଳ ଚନ୍ଦନ ,
ଅନାବିଳ ସମ୍ପର୍କର
ଅତୁଟ ବନ୍ଧନ ।
ସତରେ ତମେ ତ......
ସ୍ନେହ ମମତାର ଏକ
ଉଜ୍ଜ୍ୱଳ ନକ୍ଷତ୍ର
ମଧୁସିକ୍ତ ଅନୁରାଗର
କଳକଳ ଫଲ୍ଗୁଧାର
ସିକ୍ତ ମଧୁ ଗୁଂଜରଣ,
ପୁଣି ଏକ ଚିତ୍ରିତ ଫଗୁଣ ।
ଏକ ନିରୋଳା ପ୍ରେମର
ସ୍ନିଗ୍ଧ ଅନୁଭବ ତମେ,
ଅନନ୍ତ ମୂର୍ଚ୍ଛନାର
ମୁଗ୍ଧ ଅନ୍ତଃସ୍ୱର,
ଉଦବେଳିତ ହୃଦୟର
ନିରନ୍ତର ମଧୁଝର,
ଲୁହ ଓ କୋହର
ବହଳ ଅନ୍ଧାରେ
ଏକ ପୁଷ୍ପିତ ସକାଳ ।
ଏକ ଅନନ୍ୟ ଚେତନାର
ନିଆରା ସମ୍ଭାଷଣ ତମେ
ମଧୁ ସମ୍ମୋହନ ,
ଭିଜା ଭିଜା
ମଧୁଗନ୍ଧା ଋତୁର
ମଧୁର ପାର୍ବଣ
ପୁଣି ଛନ୍ଦ ଓ ଛାନ୍ଦର
ଛନ୍ଦାୟିତ ଆକର୍ଷଣ ତମେ ।
ସୁରକ୍ଷାର ସଶକ୍ତ ପ୍ରାଚୀର,
କେତୋଟି ମୁହୂର୍ତ୍ତର ନୁହେଁ
ବରଂ ଚିତ୍ରିତ ସ୍ୱାକ୍ଷର ଜନ୍ମ ଜନ୍ମର,
ଅସୁମାରି
ହିଂସା-କ୍ରୋଧ-ମାନ-ଅପମାନ
ଦୂରକୁ ଦୂରେଇ ଯିବାର
ଚିର ଈପସିତ
ଚିର ଗୁଂଜରିତ
ସ୍ନେହସିକ୍ତା ମଧୁ ପଣତର
ତମେ ସ୍ନିଗ୍ଧ ପବିତ୍ର ଡୋର ।
ଏକ ଉଚ୍ଛ୍ୱସିତ ପୁଣ୍ୟ ତପୋବନ ତମେ
କେବେ ବିଗଳିତ
କେବେ ଆନ୍ଦୋଳିତ
ଛଳ ଛଳ ନିବୁଜ ଛାତିର
ମଧୁର କମ୍ପନ ,
ପୁଣି କେବେ ସୁଖ ସୋହାଗର
ଚିର ଆହ୍ଲାଦିତ
ଜାଜ୍ୱଲ୍ୟମାନ ଦୃଶ୍ୟପଟ
କେବେ ପୁଣି ତମେ
ସଦ୍ୟ ସୁବାସିତ ପୁଷ୍ପଗୁଚ୍ଛ ।

ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୨୯/୦୮ (ନି.ପ୍ର): ଖ୍ୟାତି ସମ୍ପର୍ଣ ଦ୍ୱିଭାସିକ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଙ୍କ ବିୟୋଗରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସାଂସଦ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସଂସଦର ସଭାପତି ପ୍ରଫେସର ଡ଼କ୍ଟର ସରୋଜ ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂସଦ ର ସମ୍ପାଦକ କବି ଅମିତାଭ ମିଶ୍ର, ପୃଷ୍ଠାପୋଷକ ସଦସ୍ୟ ଅଧ୍ୟାପକ ଅଶୋକ ପୁଷ୍ଟି, ସଦସ୍ୟ ଇଂ ସୌରଭ ତ୍ରିପାଠୀ, କବୟିତ୍ରୀ ସୁନିତା ରାଣୀ, ମୃତୁଞ୍ଜୟ ବାଗ , ଶିକ୍ଷକ ରାଜୀବ ଲୋଚନ ଜେନା ଓ ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ସାହିତ୍ୟିକ କୃତି ବିଶେଷକରି ଇଂରାଜୀ କବିତା ରଚନା କରି ସମଗ୍ର ବିଶ୍ୱରେ କିଭଳି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ ସେ ସମ୍ପର୍କ ରେ ଆଲୋକପାତ କରିଥିଲେ । ପ୍ରାରମ୍ଭ ରେ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଅମର ଆତ୍ମା କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ଲିଖିତ ପୁସ୍ତକ ଗୁଡିକ କିପରି ବାରିପଦା ବିଜ୍ଞାନ ଭବନ ସ୍ଥିତ ପାଠାଗାର ଆନୁକୂଲ୍ୟରେ ପାଠକଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି।

# ଅଜଣା ବସ୍ ଧକ୍କାରେ ଜଣେ ମୃତ ମାମଲା: ଡ୍ରାଇଭର ଗିରଫ

ଜୟପୁର, ୨୯/୦୮ (ନି.ପ୍ର): ଅଜଣା ବସ୍ ଧକ୍କାରେ ଜଣକର ମୃତ୍ୟୁ ମାମଲାରେ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗୁପ୍ତା ନାମକ ଘରୋଇ ବସ ଧକ୍କା ଦେଇଥିବା ବେଳେ ବସର ଡ୍ରାଇଭରକୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ଡ୍ରାଇଭର ଜଣକ ହେଲା କୋଟପାଡ ଅଂଚଳର ବିକ୍ରମ ଦେବ ସାମନ୍ତରାୟ । ସୂଚନା ଅନୁଯାୟୀ ଗତ ଅଗଷ୍ଟ ୬ ତାରିଖରେ ବୈପାରିଗୁଡା ଥାନା ବରଗାଁ ଗ୍ରାମର ଶ୍ରୀରାମ ହରିଜନ, ପ୍ରଧାନିପୁଟ ଗ୍ରାମର ଡମ୍ବୁ ହରିଜନ ୯ଟି ମହିଷି ଧରି ଯାଉଥିଲେ । ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି ନିକଟରେ ଏକ ଅଜଣା ବସ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଶ୍ରୀରାମ ହରିଜନଙ୍କ ମୃତ୍ୟୁ ଘଟିଥିବା ବେଳେ ଡମ୍ବୁ ହରିଜନ ଗୁରୁତର ହୋଇଛନ୍ତି । ଡମ୍ବୁଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଏନେଇ ଶବକୁ ସଦର ଥାନା ନିକଟରେ ରଖି ତୁରନ୍ତ ବସ୍ କୁ ଜବତ, ଡ୍ରାଇଭରକୁ ଗିରଫ କରାଯାଉ, କ୍ଷତି ପୁରଣ ପ୍ରଦାନ କରାଯାଉ, ଆଦି ଦାବି କରିଥିଲେ ସ୍ଥାନୀୟ ଲୋକ। ପରେ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ମୃତ ଓ ଆହତ ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ ଏହି ଅଜଣା ବସ କୁ ଧରିବା ପାଇଁ ପ୍ରତିଶୃତି ଦେବା ସହ ସରକାରଙ୍କ ତରଫରୁ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କଲେ ୨ ଲକ୍ଷ ଟଙ୍କା କ୍ଷତିପୁରଣ ମିଳିବାର ନିୟମ ରହିଛି ବୋଲି ବୁଝା ସୁଝା କରିବାରୁ ଶବକୁ ଧରି ଗ୍ରାମକୁ ଫେରିଥିଲେ । ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶା ଆସିବେ ଜାତୀୟ....

ଆସନ୍ତା ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ଉଭୟ ଇଭିଏମ୍ ଓ ଭିଭିପାଟ୍ ଯାଂଚ ପ୍ରକ୍ରିୟା ହୋଇ ନଭେମ୍ବର ୧୫ତାରିଖ ସୁଦ୍ଧା ଏହା ଶେଷ ହେବ । ଚୂଡ଼ାନ୍ତ ଚିଠା ଭୋଟର ତାଲିକା ଆସନ୍ତା ଅକ୍ଟୋବର ୧୭ତାରିଖରେ ପ୍ରକାଶ ପାଇବ । ଏହି ସମସ୍ତ ପ୍ରକ୍ରିୟା ସାଧାରଣ ନିର୍ବାଚନ ସହ ଜଡ଼ିତ । ଆଗୁଆ ନିର୍ବାଚନ ନେଇ ଏହାର କୌଣସି ସମ୍ପର୍କ ନଥିବା ଶ୍ରୀ ଧଳ ସ୍ପଷ୍ଟ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଆଗୁଆ ନିର୍ବାଚନ ଚର୍ଚ୍ଚାକୁ ମଧ୍ୟ ଶ୍ରୀ ଧଳ ଶ୍ରୀ ଧଳ ଗତ ୨-୩ ମାସ ତଳେ ଖାରଜ କରିଥିଲେ ।

ଅନ୍ୟପକ୍ଷରେ ରାଜ୍ୟରେ ଆଗୁଆ ସାଧାରଣ ନିର୍ବାଚନ ଚର୍ଚ୍ଚା ମଧ୍ୟରେ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଭୋଟ୍ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି । ବିଜେପି ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଯେକୌଣସି ସମୟରେ ନିର୍ବାଚନ ହେଲେ ତାଙ୍କ ଦଳ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି । ସେହିପରି କଂଗ୍ରେସ ପ୍ରଦେଶ ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, ଯେତେବେଳେ ନିର୍ବାଚନ ହେଲେ ତାଙ୍କ ଦଳ ପ୍ରସ୍ତୁତ । ଲୋକେ ଜାଣିସାରିଲେଣି ଯେ ବିଜେଡି-ବିଜେପି ଗୋଟିଏ ମୁଦ୍ରାର ଦୁଇ ପାଶ୍ୱର୍ । ସେହିପରି ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର, ନିର୍ବାଚନ ସମ୍ମୁଖୀନ ହେବାକୁ ସେମାନେ ପ୍ରସ୍ତୁତ ଅଛନ୍ତି ।

ତେବେ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରାଜ୍ୟରେ ଅଲଗା ଅଲଗା ଲୋକସଭା ଓ ବିଧାନସଭା ନିର୍ବାଚନକୁ ନେଇ ଆପତ୍ତି ଉଠାଇଛନ୍ତି । କାହିଁକି ଦୁଇଥର ଏତେ ଟଙ୍କା ଖର୍ଚ୍ଚ ହେବ । ଏହାଦ୍ୱାରା ଉଭୟ ଅର୍ଥ ଓ ସମୟ ଅପଚୟ ହେବ ।

ଉଲ୍ଲେଖଯୋଗ୍ୟ, ଜାତୀୟ ନିର୍ବାଚନ ଆୟୋଗଙ୍କର ୩ଜଣିଆ ବରିଷ୍ଠ ଅଧିକାରୀ ଚଳିତମାସ ୧୯ତାରିଖରେ ପଶ୍ଚିମବଙ୍ଗ ଗସ୍ତ କରି ସେଠାରେ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବା ସହ ଜିଲ୍ଲାପାଳମାନଙ୍କ ସଙ୍ଗେ ଆଲୋଚନା କରିଛନ୍ତି । ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରି ପ୍ରସ୍ତୁତି ସମୀକ୍ଷା କରୁଛନ୍ତି ।

## ସାମ୍ନାକୁ ଆସିଲା କୋଣାର୍କ ....

ଲିଫ୍ଟ, ଟ୍ରଲି ଭଳି ମେକାନିକାଲ ସିଷ୍ଟମ ରହିଛି। ଫଳରେମନ୍ଦିର ଗର୍ଭଗୃହରୁ ବାଲି ଓ ପଥର ବୋହିବା ସହଜ ହେବ। ମନ୍ଦିର ପଶ୍ଚିମ ଦ୍ୱାର ଦ୍ୱିତୀୟ ପିଢ଼ରେ ମନ୍ଦିର ଗର୍ଭଗୃହକୁ ପ୍ରବେଶ ପାଇଁ ୪ ଫୁଟରେ ୫ ଫୁଟ ଏକ ଗର୍ତ୍ତ ଖୋଳାଯିବ । ସେହି ବାଟ ଦେଇ ଗର୍ଭଗୃହରୁ ବାଲି କଢ଼ାଯିବ। ଏଏସଆଇ ଦ୍ୱାରା ନିଯୁକ୍ତ ନିର୍ମାଣ ସଂସ୍ଥା ଦ୍ୱାରା ପ୍ରାଥମିକ ପର୍ଯ୍ୟାୟରେ ଲିଫ୍ଟ ପାଇଁ ପ୍ଲାଟଫର୍ମ ନିର୍ମାଣ ପରେ କ୍ରେନ ସହାୟତାରେ ଲୁହା ଷ୍ଟ୍ରକଚର କାର୍ଯ୍ୟ ଗତ ଜାନୁଆରୀରେ ଆରମ୍ଭ କରାଯାଇଥିଲା। ହେଲେ କିଛି ଦିନପରେ ଏହି କାର୍ଯ୍ୟ ବନ୍ଦ ରହିଥିଲା ୬ମାସ ପରେ ପୁନଃ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ୧୯୦୩ ମସିହାରୁ ଏଠାରେ ବାଲି ଭର୍ତ୍ତି କରାଯାଇ ଜଗମୋହନ ଦ୍ୱାରକୁ ବନ୍ଦ କରାଯାଇଥିଲା ।

## ମମତାଙ୍କ ପରେ ନୀତିଶ....

ଆସନ୍ତା ଅଗଷ୍ଟ ମାସ ୩୧ ତାରିଖ ଏବଂ ସେପ୍ଟେମ୍ବର ୧ ତାରିଖରେ ମୁମ୍ବାଇରେ ଏହି ବୈଠକ ବସିବ । ଏହି ବୈଠକରେ ଇଣ୍ଡିଆ ମେଣ୍ଟ ନିଜର ଆଗାମୀ ରଣନୀତି ତିଆରି କରିବ । ଏହି ବୈଠକକୁ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି, କାହିଁକି ନା ଏହି ବୈଠକରେ ଇଣ୍ଡିଆ ମେଣ୍ଟ ନିଜର ଲୋଗୋ ମଧ୍ୟ ଉନ୍ମୋଚନ କରିପାରେ । ଆଉ ଏହା ପୂର୍ବରୁ ନୀତିଶଙ୍କ ଏହି ବୟାନ ଏବେ ଚର୍ଚ୍ଚା ସୃଷ୍ଟି କରିଛି ।

# କଂଗ୍ରେସରୁ ଛାଡିଲେ ହାତ ବିଜେଡିର ଫୁଙ୍କିଲେ ଶଙ୍ଖ




ଭଦ୍ରକ, ୨୯/୦୮ (ନି.ପ୍ର): ଆଜି ବିଜେଡିର ସୁପ୍ରିମୋ ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ଏହି ଜିଲାର ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଯୁଗାନ୍ତକାରୀ ଯୋଜନାର ସଫଳ ରୂପାୟନ ସହିତ ନିର୍ମଳ ଭାବମୂର୍ତ୍ତି ଏବଂ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳ ପରିତ୍ୟାଗ କରି ବହୁ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏଥି ଉପଲକ୍ଷେ ଆଜି ବିଧାୟକ ଶ୍ରୀ ସାମଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ତାଙ୍କର ପ୍ରତିନିଧି ଶ୍ରୀ ସାମଲଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷ ମନୋରଂଜନ ଘଡେଇ, ଗୋବିନ୍ଦପୁର ସରପଞ୍ଚଙ୍କ ପ୍ରତିନିଧି ଭବେନ୍ଦ୍ର ସାହୁ, ଜିଲା ଯୁବ ବିଜେଡି ସଂପାଦକ ବିରଞ୍ଚି ନାରାୟଣ ରାଉତଙ୍କ ନେତୃତ୍ୱରେ ଓ କରୁଣାକର ଦାସ, ଗୋପିନାଥପୁର ପଂଚାୟତର ସଭାପତି ଗୋବିନ୍ଦ ସାହୁ, ପ୍ରିୟବ୍ରତ ଜେନା, ୱାର୍ଡମେମ୍ବର ଗୋପବନ୍ଧୁ ଜେନା ଓ ବଟକୃଷ୍ଣ ଜେନାଙ୍କ ଉପସ୍ଥିତିରେ ତାଜିପୁରର ପୂର୍ବତନ ୱାର୍ଡ ମେମ୍ବର ପ୍ରେମାନିଧି ଦାସ ଓ ରତ୍ନାକର ଖଟୁଆଳ, ଗୋପିନାଥପୁରର ଭାବଗ୍ରାହୀ ସାହୁ, ଭରତ ନାୟକ, ଗୋପବନ୍ଧୁ ସାହୁ, ସନାତନ ଜେନା, ମଧୁ ମହାପାତ୍ର, ସନାତନ ସାହୁ, ପ୍ରଦୀପ ସାହୁ, ମୁକ୍ତିକାନ୍ତ ବେହେରା, ଗଣେଶ ମୁଣ୍ଡା ପ୍ରମୁଖ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ଏମାନଙ୍କ ମିଶ୍ରଣ ଫଳରେ ବିଜେଡି ଦଳ ଏହି ନିର୍ବାଚନ ମଣ୍ଡଳୀରେ ଅଧିକ ଶକ୍ତିଶାଳୀ ହେବା ସହ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପକୁ ଆଗେଇନେବାରେ ସହାୟକ ହେବେ ବୋଲି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। ଏମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

# କନ୍ଧମାଳରେ ସ୍ଥାପନ ହେଲା କନ୍ଧମାଳ ଛାତ୍ର, ଯୁବ ପରିଷଦ

କନ୍ଧମାଳ, ୨୯/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଏକ ନୂତନ ସଂଗଠନ ସ୍ଥାପନା ହୋଇଛି, ଯାହା ''କନ୍ଧମାଳ ଛାତ୍ର, ଯୁବ ପରିଷଦ''ନାଁ ରେ ନାମିତ । ଏହି ସଂଗଠନ କନ୍ଧମାଳ ଜିଲ୍ଲାର ଛାତ୍ର, ଯୁବକ ମାନଙ୍କ ସ୍ୱାର୍ଥରକ୍ଷା ସହିତ କନ୍ଧମାଳ ଜିଲ୍ଲାର ଉନ୍ନତି ଦିଗରେ କାର୍ଯ୍ୟ କରିବ। କନ୍ଧମାଳ ଛାତ୍ର, ଯୁବ ପରିଷଦର ସଭାପତି ଭାବେ ଯୁବ ନେତା ଶିବାଶିଷ ପଣ୍ଡା ଦାୟିତ୍ୱ ନେବା ସହିତ ଆଗାମୀ ଦିନରେ ଏ ସଂଗଠନ ଜିଲ୍ଲାର ଛାତ୍ର, ଯୁବକ ମାନଙ୍କ ପାଇଁ କାମ କରିବ ବୋଲି କହିଛନ୍ତି। ପ୍ରାଥମିକତା ଦୃଷ୍ଟିରେ ଚକାପାଦ ଥାନା ଅଂଚଳର ଜଣେ ୧୩ ବାର୍ଷିୟା ଛାତ୍ରୀ ଅପହରଣ ଘଟଣାରେ ଚକାପାଦ ପୋଲିସ ର ନିଷ୍କ୍ରିୟତା ବିରୁଦ୍ଧରେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆଗାମୀ ସାତ ଦିନ ଭିତରେ ଯଦି କନ୍ଧମାଳ ଜିଲ୍ଲା ପୋଲିସ ନ୍ୟାୟ ନଦିଏ ତେବେ ସଂଗଠନ ତରଫରୁ ଚକାପାଦ ଥାନା ଘେରାଉ କରିବା କରିବା ପାଇଁ ନିଷ୍ପତି ନେଇଛି। ଏବଂ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆଗାମୀ ଏକ ମାସ ଭିତରେ ଯଦି ପାନୀୟ ଜଳ ସମସ୍ୟାର ସମାଧାନ ନହୁଏ ତେବେ ଏ ସଂଗଠନ ଆନ୍ଦୋଳନ କରିବାକୁ ନିଷ୍ପତି ନେଇଛି। ଆଜି ଏ ସଂଗଠନର ନୂତନ ଦାୟୀତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ତଦନୁଯାୟୀ, ଉପ ସଭାପତି ଭାବେ, ଅମର ଜ୍ୟୋତି ରାଏ, ସାଧାରଣ ସମ୍ପାଦକ ଭାବେ ଦିବ୍ୟାରଞ୍ଜନ ପାରାସେଠ, ସମ୍ପାଦକ ଭାବେ ଦିନେଶ ପାତ୍ର, ସୌମ୍ୟସିଦ୍ଧାର୍ଥ ଦେହୁରୀ, ଗୋପାଳ ଷଡଙ୍ଗୀ, କୋଷାଧ୍ୟକ୍ଷ ଭାବେ - ସିତୁନା ମହାନ୍ତି, ସୋସିଆଲ ମିଡିଆ ସମ୍ପାଦକ ଭାବେ ରାଜବୀର ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଶୁତୋଷ ଦାସ ଓ ଦୀନେଶ ମୁଲି, ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସଂଗଠନ ତରଫରୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ କିଛି ଦାବୀ ରଖାଯାଇଛି। କନ୍ଧମାଳ ଜିଲ୍ଲାରେ ଏକ ସରକାରୀ ଆଇନ ମହାବିଦ୍ୟାଳୟ ଖୋଲିବା, କନ୍ଧମାଳ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ କରିବା।

# କିକ ବକ୍ସିଂରେ ସ୍ୱର୍ଣ୍ଣପଦକ ପାଇ ଜାତୀୟ ସ୍ତରକୁ ମନୋନୀତ ହେଲେ ଜ୍ୟୋସ୍ନାରାଣୀ: କ୍ରୀଡା ଦିବସରେ ଅଭିନନ୍ଦନର ସୁଅ




ନୀଳଗିରି, ୨୯/୦୮ (ନି.ପ୍ର): କିକ ବକ୍ସିଂ କ୍ଷେତ୍ରରେ ଆଜି ସ୍ୱର୍ଣ୍ଣ ପଦକ ପାଇ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି ନୀଳଗିରି ଅଞ୍ଚଳର ଜ୍ୟୋସ୍ନାରାଣୀ ଜେନା(୨୧)। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବଡଅତା ଗ୍ରାମର ସୋମନାଥ ଜେନା ଓ ରଞ୍ଜୁଲତାଙ୍କ କନ୍ୟା ଜ୍ୟୋସ୍ନାରାଣୀ ଆଜି ଜାତୀୟ କ୍ରୀଡା ଦିବସ ଅବସରରେ ଝାରସୁଗୁଡା ଏସୋସିଏସନ ତରଫରୁ ଆୟୋଜିତ କିକ ବକ୍ସିଂ ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଖେଳାଳି ଭାଗ ନେଇଥିଲେ।ଜ୍ୟୋସ୍ନାରାଣୀ ବାଲେଶ୍ୱର ଜିଲ୍ଲାରୁ ଯାଇଥିବା ବେଳେ ସ୍ୱର୍ଣ୍ଣ ପଦକ ପାଇ ନୀଳଗିରି ନୁହଁ ସାରା ଜିଲ୍ଲାକୁ ଗର୍ବ ଆଣିଦେଇଛନ୍ତି।ତେବେ ଖୁବ ଶୀଘ୍ର ସେ ଜାତୀୟ ସ୍ତରରେ ଖେଳିବେ ବୋଲି ସୂଚନା ମିଳିଛି।

# ଶିଳ୍ପୀ କେଶୁ ଦାସଙ୍କୁ ଶ୍ରେଷ୍ଠ ଅଭିନେତା ଓ କାହାଣୀ ରଚନା ପୁରସ୍କାର



ବାଲେଶ୍ୱର , ୨୯/୦୮ (ନି.ପ୍ର): ବିହାର ରାଜ୍ୟର ନୱାଦା ସହରରେ ଗତ ଅଗଷ୍ଟ ୨୭ ତାରିଖ ରବିବାର ଦିନ ଆୟୋଜିତ ହୋଇ ଯାଇଛି 'ନୱାଦା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ - ୪ର୍ଥ ସଂସ୍କରଣ - ୨୦୨୩' । ଏହି ଚଳଚ୍ଚିତ୍ର ମହୋତ୍ସବରେ ବାଲେଶ୍ୱରର ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଜଉ କଣ୍ଢେଇ ପ୍ରଚାରକ ଶିଳ୍ପୀ କେଶୁ ଦାସ ଶ୍ରେଷ୍ଠ ଅଭିନେତା ସହ କାହାଣୀ ପୁରସ୍କାର ପାଇଛନ୍ତି । ହିତେଶ କୁମାର ଫିଲ୍ମସ ଦ୍ୱାରା ପ୍ରସ୍ତୁତ ଫିଲ୍ମ ' ଅଭିମାନିନୀ ' ପାଇଁ ନିର୍ଦ୍ଦେଶକ ହିତେଶ କୁମାର ଓ ତାଙ୍କ ଟିମ ଙ୍କୁ 'ଶ୍ରେଷ୍ଠ କାହାଣୀ, ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ କଳାକାର ଓ ଶ୍ରେଷ୍ଠ କାହାଣୀ' ବର୍ଗରେ ଓ ଶିଳ୍ପୀ କେସୁ ଦାସ ଙ୍କ ସହ ଫିଲ୍ମ 'ମହିରୁହ' କୁ 'ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ କଳାକାର ଓ ଶ୍ରେଷ୍ଠ ଚଳଚ୍ଚିତ୍ର' ରୂପେ ହିତେଶ କୁମାର, ଶିବାନନ୍ଦ ବିଶ୍ୱାଳ, ହରିହର ପୁହାନ, ଶିଳ୍ପୀ କେସୁଦାସ, ରାଜେଶ କୁମାର ମୁର୍ମୁ, ସରୋଜ କୁମାର ମହାରଣା, ଅଜିତ କୁମାର କର, ଅଶୋକ କୁମାର ଶା, ବିଶ୍ୱରଂଜନ ମଲ୍ଲିକ, ଗୁରୁସ୍ୱାମୀ ମହନ୍ତ, ସଂସ୍କୃତି ବସୁ, ମମତାମୟୀ ଦାଶ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ସମଗ୍ର ବିଶ୍ୱରୁ ୮୪ ଟି ଦେଶ ଭାଗ ନେଇଥିଲେ। ମହୋତ୍ସବର ନିର୍ଦ୍ଦେଶକ ରାହୁଲ ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ବିହାର ପ୍ରଦେଶର କଳା ଓ ସଂସ୍କୃତି ମନ୍ତ୍ରୀ ଜିତେନ୍ଦ୍ର କୁମାର ରାୟ ଏବଂ ସମ୍ମାନୀତ ଅତିଥି ଭାବେ ପ୍ରଗତି ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଗୋବିନ୍ଦପୁର ବିଧାୟକ ଏମ.ଡି. କମରାନ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବଲିଉଡ୍ ଜଗତର ଚର୍ଚ୍ଚିତ ଅଭିନେତା ଅଖିଳେନ୍ଦ୍ର ମିଶ୍ର, ଅଭିନେତା ସତ୍ୟକାମ ଆନନ୍ଦ, ପ୍ରସିଦ୍ଧ ଆମେରିକୀୟ ଓ ଭାରତୀୟ ଅଭିନେତା ଜେ. ବ୍ରାଣ୍ଡନ ହିଲ ଓ ବିଶିଷ୍ଟ ସିନେ ସମୀକ୍ଷକ ଡଃ କୁମାର ବିମଳେନ୍ଦୁ ସିଂ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଭାବେ କାଲିଫର୍ଣ୍ଣିଆରୁ ହଲିଉଡ୍ ନିର୍ଦ୍ଦେଶିକା ଟ୍ରାସି ଆନ୍ ଚାପେଲ୍ ଦେଇଥିଲେ । ଫିଲ୍ମ ଉତ୍ସବ ରେ ପୁରସ୍କୃତ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିବା ବେଳେ, ବଲିଉଡ ତାରକା ଅଖିଳେନ୍ଦ୍ର ମିଶ୍ର ଓ ସତ୍ୟକାମ ଆନନ୍ଦ ପ୍ରଶଂସା କରି କହିଲେ, ମହିରୁହ ଓ ଅଭିମାନିନୀ ପରି ଫିଲ୍ମ ଆଞ୍ଚଳିକ ପରି ନୁହେଁ, ଏକ ଅନ୍ତର୍ଜାତୀୟ ସ୍ତରୀୟ ପରି ଫିଲ୍ମ ନିର୍ମାଣ ହୋଇଛି, ଚିତ୍ରଉତ୍ତୋଳନ ସହ ଅଭିନୟ କରିଥିବା କଳାକାର ଙ୍କ ଅନେକ ପ୍ରଶଂସା କରିଛନ୍ତି। ଏହିଭଳି ବିଶ୍ୱ ସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇ ରାଜ୍ୟ ତଥା ଆମ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ, ହିତେଶ କୁମାର ଫିଲ୍ମସ ଓ ତାଙ୍କ ପରିବାର ଓ ଟିମ ଙ୍କୁ ସବୁ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ପ୍ରକାଶ ଥାଉ କି ଶିଳ୍ପୀ କେଶୁ ଦାସ ୨୦୨୧ରେ କ୍ଷୁଦ୍ର ଫିଲ୍ମ ନିର୍ଦ୍ଦେଶକ ଭାବରେ ଆନ୍ତର୍ଜାତିକ ପୁରସ୍କାର ପାଇଥିଲେ ।

# ଟ୍ରାକ୍ଟର ସହିତ ୫ ଶାଳ, ୪ ଶାଗୁଆନ ଗଣ୍ଡି ଜବତ : ୩ ଅଭିଯୁକ୍ତ ଗିରଫ

ବଲାଙ୍ଗିର, ୨୯/୦୮ (ନି.ପ୍ର): ଗତକାଲି ରାତି ପାଟ୍ରୋଲିଂ ସମୟରେ ଲୋଇସିଂହା ରେଞ୍ଜ ର କର୍ମଚାରୀମାନେ ସରଗାଡ ବିଭାଗର ଅନ୍ତପାଲି ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଜବତ କରିଥିଲେ। ଯେଉଁଥିରେ ୫ଟି ଶାଳ ଗଣ୍ଡି ଏବଂ ୪ଟି ଶାଗୁଆନ ଗଣ୍ଡି ଜବତ ହୋଇଥିଲା। ତିନି ଅଭିଯୁକ୍ତ ରଙ୍ଗାଧର ଭୋଇ, ଜଗବନ୍ଧୁ ବିଶ୍ୱାଳ ଏବଂ ପୁରନ୍ଦର ରାଉତଙ୍କୁ ଗିରଫ କରାଯାଇଥିଲା। ଅଧିକ ଅନୁସନ୍ଧାନ ପାଇଁ ଜବତ ସାମଗ୍ରୀକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା।

# ଖୋର୍ଦ୍ଧା ପୌରପରିଷଦ ୫ନମ୍ବର ୱାର୍ଡ ଗାନ୍ଧୀ ନଗର ନାଳି କାମ ଶୁଭାରମ୍ଭ

ଖୋର୍ଦ୍ଧା , ୨୯/୦୮ (ନି.ପ୍ର): ଖୋର୍ଦ୍ଧା ପୌରପରିଷଦ ମହିଳା ଅଧକ୍ଷା କଶ୍ରୀମତୀ କନକଲତା ମହାନ୍ତି ଉକ୍ତ ୫ନମ୍ବର ୱାର୍ଡ ଗାନ୍ଧୀନଗର ପ୍ରଥମ ଗଳି ନାଳୀ କାମ ଶୁଭ ଉତଘାଟନ ନଡିଆ ବାଡାଇ କରିଥଲେ। ଏହି ୱାର୍ଡ କାଉନସିଲର ଶ୍ରୀଯୁକ୍ତ ଅମୟ କୁମାର ମହାନ୍ତି , ଓ ତାଙ୍କ ଭାଇ ଦିଲ୍ଲୀପ କୁମାର ମହାନ୍ତି, ପୂର୍ବତନ କାଉସିଲର ସୁବାସ ବେହେରା, ସାମ୍ବାଦିକ ନିତିତିନ ଶ୍ରୀଯୁକ୍ତ ଜିତେନ୍ଦ୍ର ଭଞ୍ଜ, ଆଦି ସାମ୍ବାଦିକ ଓ ସାହିର ସମସ୍ତ ବାସିନ୍ଦା ଯୋଗ ଦେଇଥିଲେ। ଉକ୍ତ ଲେନ ବରିଷ୍ଠ ସାମ୍ବାଦିକ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ୱାର୍ଡ ତରଫରୁ ଶ୍ରୀମତୀ ମହାନ୍ତି ପୌର ଅଧକ୍ଷା ଖୋର୍ଦ୍ଧା ଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି ନାଳୀ କାମ ଡେରିରେ ହେଲେ ମଧ୍ୟ ଆଜି ଆରମ୍ଭ ହୋଇଛି। ସାହି ବାସିନ୍ଦା ମଶା, ମାଛି, ଦୁର୍ଗନ୍ଧ ଓ ଅପରିଷ୍କାର ରକ୍ଷା ପାଇବେ। ଉକ୍ତ ନାଳୀ କାମ ପାଇଁ ଆଜକୁ ୨ ବର୍ଷ ହେଲା ସାମ୍ବାଦିକ ବରିଷ୍ଠ ଈଶ୍ୱର ମଙ୍ଗରାଜ ଚେଷ୍ଟା କରି ଆସୁଛନ୍ତି। ପୌର ପରିଷଦର ସହକାରୀ ଯନ୍ତ୍ରୀ, ଶ୍ରୀଯୁକ୍ତ ନିହାର ରଞ୍ଜନ ସାହୁ, ଉକ୍ତ ଜାଗା ଓ ସାଇ ନିଜେ ଆସି ପ୍ରାୟ ୧୦ଲକ୍ଷ ଟଙ୍କା ଏକ ପ୍ଲାନ ଓ ମାପ କରି ମଞ୍ଜୁରୀ ପାଇଁ ଦେଇ ଥିଲେ ଓ ଏହା ସ୍ୱୀକୃତି କରାଇ ଥିଲେ। ତେଣୁ ୱାର୍ଡ ତରଫରୁ ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପାଞ୍ଚ ନମ୍ବର କାଉନସିଲର ଶ୍ରୀଯୁକ୍ତ ଅମିୟ ମହାନ୍ତି କିପରି କାର୍ଯ୍ୟ ହେବ ଲାଗି ପଡ଼ିଥିଲେ। ଏହାଙ୍କ ଅମଳରେ ଏହି ୱାର୍ଡ ବହୁ ଉନ୍ନତି ମୂଳକ କାମ ହୋଇ ଆସୁ ଅଛି। ସେ ମହାଶୟ ଏକ ବର୍ଷ ଭିତରେ ୱାର୍ଡ ପାଇଁ କିଛି ଭଲ କାମ କରୁଛନ୍ତି । ଗାନ୍ଧୀ ନଗର , ଭାଲିଆବାଡି ହାଟ ପୋଖରୀ, ତାକୁ ଲାଗି ପ୍ରସ୍ତାବିତ ମନ୍ଦିର , ପାର୍କ, ଅଙ୍ଗନ୍ ବାଡ଼ି କେନ୍ଦ୍ର ଘର, କ୍ଲବ୍ ଘର ଓ ଖେଳ ପଡିଆ ଆଦି କିପରି ହେବ ଚେଷ୍ଟା ଜାରୀ ରଖିଛନ୍ତି । ଏହି ୱାର୍ଡରେ ଏକ,ମନ୍ଦିର ପାଇଁ ଖୋର୍ଦ୍ଧା ତହସିଲ ଦାର୍ ଶ୍ରୀଯୁକ୍ତ ବିବସ ପାଣିଗ୍ରାହୀ, ସାନ ପଲ୍ଲୀ ମୌଜା, ହାଟ ପୋଖରୀ କୁ ଲାଗି ୭୦ ଡିସି ମିଲି ଜାଗା ଦେଇଛନ୍ତି। ଏହି ଜାଗାରେ କିପରି ମନ୍ଦୀର ଓ ଏକ ବୈଠକ ଘର ହେ୍ବ , ଶ୍ରୀଯୁକ୍ତ ବିଶ୍ୱମ୍ବର ମହାନ୍ତି ଆମ ଯୁବ କାଉନସିଲର ଅମିୟ ବାପା, କରିବା ପାଇଁ ପ୍ରତି ସୃତି ଦେଇଛନ୍ତି। ତାଙ୍କ ନାମ ଏହି ଯାଗାରେ ଚିର ସ୍ମୋରଣିୟ ରହିବ। ଆଜି ୱାର୍ଡ ବାସିନ୍ଦା, ଆମ ପୌରପରିଷଦ ଅଧକ୍ଷା ନିଜ ଆସି ତାଙ୍କର ଖୁସି ବେକ୍ତ କରିଯାଇଅଛନ୍ତି। ଏହା ପୂର୍ବରୁ ଯେତେ ପୌର ଅଧକ୍ଷ ଗଲେଣି କେହି ନିଜେ ଆସି ୫ ନମ୍ବର ପରିଦର୍ଶନ, କରି ସୁବିଧା ଅସୁବିଧା ବୁଝି ନାହାନ୍ତି। ଏହି ପାଞ୍ଚ ନମ୍ବର ୱାର୍ଡ ସବୁ ପ୍ରକାର ଚାକିରିଆ ଉଚ୍ଚ ଶିକ୍ଷିତ ଓ ବୁଦ୍ଧି ଯିବୀ ସବୁ ସମ୍ପ୍ରଦାୟ ଅଛନ୍ତି। ଆଶା ଏହି ନାଳୀ କିପରି ଶେଷ ହେବ ସାଇ ବାସିନ୍ଦା ଆଶା କରି ଅଛନ୍ତି।


C- 1248

**OFFICE OF THE SORO MUNICIPALITY, SORO, BALASORE**

No. 2058 Date. 28.08.2023

**"e" Procurement Notice**

BID Identification No. **SOROM_03_2023-24.**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | | |
|---|---|---|---|
| 1. | Name of the Work | : | Construction of Civil work as mentioned in DTCN |
| 2. | No. of works | : | 64 nos. |
| 3. | Estimated Cost | : | As per Work List |
| 4. | Period of Completion | : | 60-90 days. |
| 5. | Date &Time of availability of Bid documents in the Portal | : | 31.08.23 at 10.00 A.M. to 13.09.23 up to 5.00P.M. |
| 6. | Last date & time for receipt of bids in the portal | : | 13.09.23 up to 05:00 P.M. |
| 7. | Bids received online shall be opened on | : | 14.09.23 at 10:00 A.M. |
| 8. | Name and address of the officer inviting Bid | : | Executive Officer, Soro Municipality |

Further details can be seen from the procurement portal i.e. www.tendersorissa.gov.in and Soro Municipality portal i.e. www.soromunicipality.in

OIPR: 13166/11/0013/2324

Executive Officer
Soro Muncipality

ବୁଧବାର, ଅଗଷ୍ଟ ୩୦, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମନରେଗା ଯୋଜନାରେ ପଞ୍ଚଦଶ ଅର୍ଥ ଆୟୋଗର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷାର ଜନ ଶୁଣାଣି ଶିବିର ଅନୁଷ୍ଠିତ




ନୀଳଗିରି , ୨୯/୦୮ (ନି.ପ୍ର): ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ୨୦୨୩ -୨୪ ମନରେଗା ଯୋଜନାର ପଞ୍ଚଦଶ ଅର୍ଥ ଆୟୋଗର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଜନ ଶୁଣାଣି ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ , ନୀଳଗିରି ବି. ଡି.ଓ ରାହୁଲ ମଣ୍ଡଳ , ନିର୍ବାହୀ ଅଧିକାରୀ , ଦିପ୍ତାଂଶୁ ପରିଡା , ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ୨୦୨୦ ଏପ୍ରିଲ ଠାରୁ ମାର୍ଚ୍ଚ ୨୦୨୩ ଆର୍ଥିକ ବର୍ଷରେ ମିଳିଥିବା ଅନୁଦାନର ସାଧାରଣ ସମୀକ୍ଷା କରାଯାଇଥିଲା ।ଏଥିରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ୨୫ ଗୋଟି ଗ୍ରାମ ପଞ୍ଚାୟତର କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ମଧ୍ୟରେ ରାସ୍ତାଘାଟ ନିର୍ମାଣ ,ଅଙ୍ଗନବାଡି କେନ୍ଦ୍ର ନିର୍ମାଣ,କେନାଲ ପୁନରୁଦ୍ଧାର କାର୍ଯ୍ୟ,ଖେଳ ପଡିଆ ନିର୍ମାଣ,ଜମି ଉନ୍ନତି କରଣ, ପୋଖରୀ ,କୃଷି ଭିତ୍ତିକ କାର୍ଯ୍ୟ,ନଡିଆ ଆମ୍ବ ବୃକ୍ଷ ରୋପଣ ଆଦି ଉପରେ ସମୀକ୍ଷା କରାଯାଇଥିଲା ।ମୃର୍ତ୍ତିକା ସଂରକ୍ଷଣ ବିଭାଗ ,ଉଦ୍ୟାନ,କୃଷିବିଭାଗ ଦ୍ୱାରା ଯେଉଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଛି ତାହାର ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।ଏହାର ସମ୍ପୂର୍ଣ ବିବରଣୀ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ବିଭାଗୀୟ ପଦାଧିକାରୀଙ୍କୁ ତାଗିଦ କରିଥିଲେ ।ଏହି ଜନଶୁଣାଣୀ ଶିବିର ରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗର ନିର୍ବାଚିତ ପ୍ରତିନିଧି ଓ ପଦାଧିକରି ଓ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

## ଫାଶୀ ଦେଇ ଯୁବକଙ୍କ ଆତ୍ମହତ୍ୟା

ବସ୍ତା, ୨୯/୦୮ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ଜଣେ ଯୁବକ ସୋମବାର ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ ଏହି ଗ୍ରାମର କାହ୍ନୁ ନାଏକ (୨୨) । ସେ କୋଉ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ । ଘରେ କେହି ନଥିବା ସମୟରେ ସେ ବେକରେ ଦଉଡି ଦେଇ ଫାଶୀ ହୋଇଯାଇଥିଲେ । ପରିବାର ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି । ଏ ସଂକ୍ରାନ୍ତ ରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ବାଲେଶ୍ୱର ମେଡିକାଲରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି ।

## ବିଡିଓଙ୍କୁ ଭେଟିଲେ ଗ୍ରାହକ ସେବା କେନ୍ଦ୍ର ମାଲିକ

ଖଇରା,୨୯।୮ବାଲେଶ୍ୱର ଜିଲା ଖଇରା ବ୍ଲକ ସମସ୍ତ ଗ୍ରାହକ ସେବା କେନ୍ଦ୍ରର ମାଲିକ ମାନେ ନିଜର ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ବିଡିଓଙ୍କୁ ଭେଟି ପଞ୍ଚାୟତ ସ୍ତରରେ ବ୍ୟାଙ୍କ ଓ ସିଏସ୍‌ପି କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ପୂର୍ବରୁ କେନ୍ଦ୍ର ଖୋଲିଥିବା ବ୍ୟକ୍ତି ମାନଙ୍କ ସେବାକୁ ବିଚାରକୁ ନେବାକୁ ଦାବୀ କରାଯାଇଛି । ଲିଖିତ ଦାବୀ ଅନୁଯାୟୀ ବିଗତ ଦିନରେ ଗ୍ରାହକ ସେବା କେନ୍ଦ୍ରର ମାଲିକ ମାନେ ଜନଧନ ଯୋଜନା,ମମତା ଯୋଜନା, ବିଧବା ଓ ବିକଳାଙ୍ଗ ଭତ୍ତା,କାଳିଆ ଓ ପିଏମ କିଶାନ ଯୋଜନାରେ ଆବେଦନ ଭଳି ଅନ୍ୟାନ୍ୟ ବହୁ କାର୍ଯ୍ୟରେ କୋଭିଡ ସମୟରେ ଜିବନକୁ ବାଜି ଲଗାଇ ସେବା ପ୍ରଦାନ କରି ଆସିଛନ୍ତି । ଏବେ ନିକଟରେ ଓଡିଶା ସରକାରଙ୍କ ତରଫରୁ ପୁନଶ୍ଚ ବିଭିନ୍ନ ପଞ୍ଚାୟତରେ ଗ୍ରାହକ ସେବା କେନ୍ଦ୍ର ଖୋଲଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ପୁରୁଣାରୁ କେନ୍ଦ୍ର ଗୁଡିକର ଜିବିକା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ଥିବାରୁ ସରକାର ଏହା ଉପରେ ବିଚାର କରିବାକୁ ଦାବୀ କରିଛନ୍ତି । ସିଦ୍ଧେଶ୍ୱର ନାୟକଙ୍କ ନେତୃତ୍ୱରେ ହେମନ୍ତ କୁମାର ଜେନା,ଅଜୟ ନାୟକ,ଅଭୟ ପଣ୍ଡା,ଅକ୍ଷୟ କୁମାର ବେହେରା,ରତିକାନ୍ତ ରାଉତ ପ୍ରମୁଖ ଙ୍କ ତରଫରୁ ଏହି ଦାବୀପତ୍ର ପ୍ରଦାନ କରାଯାଇଥିଲା ।

## ଅମାନୁଷିକ ଭାବରେ ଗୋ-ଚାଲାଣକାରୀଙ୍କୁ ଥାନାରେ ଜିମାଦେଲେ ସ୍ଥାନୀୟ ଲୋକ



ନୀଳଗିରି, ୨୯/୦୮ (ନି.ପ୍ର): ନୀଳଗିରି ବ୍ଲକ୍ ବରହମପୁର ବଜାରରୁ ଏକ ଷଣ୍ଢ ସହ ଅନ୍ୟ ତିନୋଟି ଅଣ୍ଡିରା ଗୋରୁଙ୍କୁ ଅମାନୁଷିକ ଭାବରେ ଘୋଷାରି ଘୋଷାରି ନେଉଥିବା ସମୟରେ ବଜାରର କିଛିଲୋକ ଓ ୨ଜଣ ହୋମଗାର୍ଡ ମିଶି ଗୋରୁ ଦଲାରିଙ୍କୁ ଧରି ବରହମପୁର ଥାନାରେ ଜିମା ଦେଇଥିଲେ ।ସୂଚନା ମୁତାବକ ମଙ୍ଗଳବାର ଭୋର ୪ ଟା ସମୟରେ ଦୁଇ ଜଣ ଲୋକ ବରହମପୁର ବଜାର ଦେଇ ୩ ଟି ଦାମୁଡିଆ ଓ ଗୋଟିଏ ଷଣ୍ଢକୁ ଗୋଟିଏ ପଘାରେ ବାନ୍ଧି ସେମାନଙ୍କୁ ଜୋରଜବରଦସ୍ତ ଟାଣି ଟାଣି ନେଉଥିଲେ ।ଏହାକୁ ଦେଖି ବଜାରର ସୁରକ୍ଷା ଦାୟିତ୍ୱରେ ଥିବା ହୋମଗାର୍ଡ ଓ କିଛି ସ୍ଥାନୀୟ ଯୁବକ ସେମାନଙ୍କୁ ପଚରାଉଚୁରା କରିଥିଲେ। ହେଲେ ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ ।ଫଳରେ ସନ୍ଦେହ ହେବାରୁ ସେମାନଙ୍କୁ ଥାନାର ଜିମା ଦେଇଥିଲେ । ଘଟଣାରେ ସଂପୃକ୍ତ ଦୁଇଜଣ ନରଣପୁର ଗ୍ରାମର ଧୁସାସନ ମଳିକ ଓ ପ୍ରଫୁଲ୍ଲ ମଲ୍ଲିକ ବୋଲି ଜଣାପଡିଥିବା ବେଳେ ସେମାନେ ଗାଇ ଗୋରୁ ଗୁଡିକୁ ନେଇ ହାଟ ମାନଙ୍କରେ ବିକ୍ରୟ କରି ଲାଭବାନ ହେଉଥିଲେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ବରହମପୁର ପୋଲିସ ଦୁଇଜଣଙ୍କୁ ଅଟକ ରଖି ଅନ୍ୟ କେଉଁମାନେ ଏ ରାକେଟରେ ସାମିଲ ଅଛନ୍ତି ଅଧିକ ତଦନ୍ତ ଜାରିରହିଛି ।

## ‘ପାଠାଗାର’ର ଛାତ ଖସିପଡ଼ିବାର ରହିଛି ସମ୍ଭାବନା



ଉଦଳା , ୨୯/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ଅଧିନରେ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଉଦଳା ସହର ମଧ୍ୟରେ ଖୋଲାଯାଇଛି ଏକ 'ପାଠାଗାର' । ଉକ୍ତ 'ପାଠାଗାର' ଉପରେ ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଆସୁଥିବା ପାଠକ/ ପାଠିକା ମାନେ ନିର୍ଭର କରିଥାନ୍ତି । ବିଭିନ୍ନ ଖବର କାଗଜ ଓ ପତ୍ର ପ୍ରତ୍ରିକା ମାନଙ୍କରୁ ତଥ୍ୟ ସଂଗ୍ରହ ସହିତ ଏଠାରେ ଥିବା ଲାଇବ୍ରେରୀରୁ ପୁସ୍ତକ ନେଇ ନିୟମିତ କିଛି ଲୋକ ପଢ଼ିଥାନ୍ତି । ମୋଟାମୋଟି ଭାବରେ 'ପାଠାଗାର'ଟି ପାଠ ପଢୁଥିବା ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସାମ୍ବାଦିକ ମାନଙ୍କର ବହୁ ଦରକାରରେ ଆସିଥାଏ । ଉକ୍ତ ‘ପାଠାଗାର’ ଛାତରୁ ପାଣି ଗଳୁଛି ବୋଲି ଆଜକୁ ପ୍ରାୟ ୫ ବର୍ଷ ତଳୁ ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇ ଆସୁଛି । ବର୍ତମାନ ଏହି ଛାତଟି ଏପରି ଅବସ୍ଥାରେ ଅଛି ଯେ ଏହା କେଉଁ ମୁହୂର୍ତରେ ଖସିପଡ଼ିବାର ସମ୍ଭାବନା ରହିଛି । ଏ ବାବଦରେ ଜିଲ୍ଲାପାଳଙ୍କର ଜନଅଭିଯୋଗ ଶୁଣାଣୀ ସମୟରେ ବାରମ୍ବାର ଦାବି ହୋଇଛି । କିନ୍ତୁ କୌଣସି ସୁଫଳ ଏପର୍ଯ୍ୟନ୍ତ ମିଳି ନାହିଁ । ଏହି ଛାତଟି ପଡ଼ି ଯଦି କୌଣସି ପାଠକ ପାଠିକା ମୃତ୍ୟୁବରଣ କରନ୍ତି ତେବେ ଜିଲ୍ଲାପାଳ ଏଥିପାଇଁ ଦାୟୀ ରହିବେ ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି ।

## ଡଃ ଜୟନ୍ତ ମହାପାତ୍ରଙ୍କୁ ତ୍ୟାଗଭୂମିର ଶ୍ରଦ୍ଧାଞ୍ଜଳି




ଭଦ୍ରକ, ୨୯/୦୮ (ନି.ପ୍ର): ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ଜୟନ୍ତ ମହାପାତ୍ରଙ୍କ ବିୟୋଗରେ ଶୋକାଭିଭୁତ ସାହିତ୍ୟିକମାନଙ୍କୁ ନେଇ ସ୍ଥାନୀୟ ନୂଆବାଜାର ଭାଗବତ କଲ୍ୟାଣ ମଣ୍ଡପ ଠାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପରିବାର ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଦସ୍ୟ ଗୌରାଙ୍ଗ ବାରିକ ଏବଂ ଲକ୍ଷ୍ମୀକାନ୍ତ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡଃ ଅଭୟ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ବରିଷ୍ଠ କଥାକାର ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଶାନ୍ତନୁ ରାଉତ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ସ୍ମୃତିଚାରଣ କରି ତାଙ୍କ ସାହିତ୍ୟ କୃତିର ଆଲୋଚନା କରିଥିଲେ । ତ୍ୟାଗଭୂମିର ସମ୍ପାଦକ ଆଇନଜୀବୀ ଗଦାଧର ବଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମାଜସେବୀ ଅମରେନ୍ଦ୍ର ପାଣିଗ୍ରାହୀ, ସୁଧାକର ରାଉତ, ସାହିତ୍ୟିକ ଚର୍ଚ୍ଚିକା ମହାପାତ୍ର, କୈଳାସ ମହାପାତ୍ର, ଅମ୍ବିକା ଦାସ, ଡା. ଅନିଲ ଦାଶ, ମମତା ଦାଶ, ରୂପକ ବିହାରୀ ରାୟ, ରାଜା ପାଣିଗ୍ରାହୀ, ସଂଗ୍ରାମ ମହାନ୍ତି, ମୁସ୍ତାକ ଗହ୍ୱର, ଅଂଶୁମାନ ସ୍ୱାଇଁ, ନାରାୟଣ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

## ଖଇରାରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର




ଖଇରା, ୨୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ୨୦୨୨ଅକ୍ଟୋବର୧ରୁ ୨୦୨୩ ମାର୍ଚ୍ଚ୩୧ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଓ ୨୦୨୦ଏପ୍ରିଲ୧ରୁ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ନିର୍ମୀତ ପ୍ରକଳ୍ପ ଉପରେ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଦିନ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ଉତ୍ତମ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଶୁଣାଣିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ ଅଭିଯୋଗ ଶୁଣିଥିଲେ । ଉକ୍ତ ଅର୍ଥୀକ ବର୍ଷରେ ମୋଟ ୨୦ହଜାର ୩୮୧ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି ।୧୦୩ଜଣ ଜବକାର୍ଡଧାରୀ ୧୦୦ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ଏହି ସମୟ ମଧ୍ୟରେ ୪ହଜାର୧୦୮ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଏଥି ମଧ୍ୟରୁ ୧ହଜାର ୯୮୭ଟି ପ୍ରକଳ୍ପ ସମ୍ପୁର୍ଣ୍ଣ ହୋଇଛି ଏବଂ ୨ହଜାର୧୨୧ଟି ପ୍ରକଳ୍ପ ଅସମ୍ପୁର୍ଣ୍ଣ ରହିଛି । ଶେଷ ହୋଇଥିବା ପ୍ରକଳ୍ପର ଅନୁପାତ ଶତକଡା ୪୮.୩୭ ଯାହା ଅତ୍ୟନ୍ତ ନୈରାଶ୍ୟଜନକ । ଯାହାବି ବ୍ଲକ ସ୍ତରୀୟ ରେକର୍ଡରେ ସମ୍ପୁର୍ଣ୍ଣ ବୋଲି ଦେଖାଯାଇଛି ବାସ୍ତବିକ କ୍ଷେତ୍ରରେ ଚିତ୍ର କିନ୍ତୁ ପୁରାପୁରି ଅଲଗା । ରେକର୍ଡରେ ରପେୟା ପଞ୍ଚାୟତର ୪ଟି ବିଦ୍ୟାଳୟ ରେ ଚାରାରୋପଣରେ ପାଇଁ ୧ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ତଦାରଖ ଲାଗି ଯାଇଥିବା ଭିଆରପି ବିଦ୍ୟାଳୟରେ ପହଞ୍ଚିବା ପରେ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଗୋଟିଏ ହେଲେ ଗଛ ଦେଖାଇ ପାରିନଥିଲେ । ଏହାକୁ ନେଇ ମହିଳା ଭିଆରପି ଜଣକ ପ୍ରଶ୍ନ ଉଠାଇଥିବା ବେଳେ କିଛି ହିତାଧିକାରୀ ତାଙ୍କୁ ଆକ୍ରମଣ ଧମକ ଦେଇଥିବା ନେଇ ଉକ୍ତ କର୍ମଚାରୀ ଜଣକ ସଭାଗୃହରେ ପ୍ରକାଶ କରିବା ପରେ ଖଇରା ବ୍ଲକର ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଚାଲିଥିବା ଘୋଟାଲାକୁ ପ୍ରମାଣିତ କରିଛି । ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ଏପିଓ ଦିପକ କୁମାର ଭଞ୍ଜ,ବିଆରପି ହେମନ୍ତ କୁମାର ପାଢୀ,ସିପି ଶଶିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତିର ଜରୁରୀ ବୈଠକ



ବାଲେଶ୍ୱର, ୨୯/୦୮ (ନି.ପ୍ର): ସରକାରୀ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ଦାବିରେ ଗଠିତ କ୍ରିୟାନୁଷ୍ଠାନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଗଠନର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ରବିବାର ଅପରାହ୍ନରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଅଫିସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗତ ଦୁଇବର୍ଷ ଧରି ସମିତି ଓ ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦିଆଯାଇଥିବା ଦାବିପତ୍ର ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଆସିଥିବା ଚିଠି ଉପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲ୍ଲାପାଳ କେତେକ ସ୍ପଷ୍ଟୀକରଣ ଓ ମତାମତ ମାଗିଥିବା ସଂପର୍କରେ ସଭାପତି ଡ. ପଣ୍ଡା ବୈଠକରେ ଅବଗତ କରାଇଥିଲେ । ସମିତିର ସଂପାଦକ ଚୌଧୁରୀ ଅଭୟ ଚନ୍ଦ୍ର ମିଶ୍ର ଚନ୍ଦ୍ରଯାନ-୩ର ସଫଳତା ପାଇଁ ଇସ୍ରୋ ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ଏହି ସର୍ବସମ୍ମତ ପ୍ରସ୍ତାବକୁ ଲିଖିତଭାବେ ଇସ୍ରୋ ଡାଇରେକ୍ଟରଙ୍କୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଆସନ୍ତା ଏକାଡେମୀ କାଉନସିଲ୍ ବୈଠକରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସଂପର୍କରେ ଆଲୋଚନା ପାଇଁ ସମିତି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଗତ ଶୁକ୍ରବାର ଦିନ ଜିଲ୍ଲା ପରିଷଦ ବୈଠକରେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ଅନୁମତିକ୍ରମେ ସମିତି ପକ୍ଷରୁ ପ୍ରତିନିଧିମାନେ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍ ଓ ୩୫୪ଟି ପଞ୍ଚାୟତ ସ୍ଥାନୀୟ କମିଟିମାନ ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିବା ସଂପର୍କରେ ଉପସ୍ଥିତମାନଙ୍କୁ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଅବଗତ କରାଇଥିଲେ ଓ ସଂଗଠନର ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ସେ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଭୂପତି ଚନ୍ଦ୍ର ପାତ୍ର, ଅନନ୍ତ ଦତ୍ତ, ସୀତାରାମ ପ୍ରଧାନ, ଭାସ୍କର ପାଢ଼ୀ, ଅପର୍ଣ୍ଣା ମହାପାତ୍ର, ସରସ୍ୱତୀ ପଣ୍ଡା, ରବୀନ୍ଦ୍ର ଭୋଳ, ଗୌରାଙ୍ଗ ପାଣିଗ୍ରାହୀ, ଯୋଗେଶ ପ୍ରଧାନ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଜୁଲତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଜଳେଶ୍ୱରର ବିଭିନ୍ନ ନଦୀଘାଟରେ କାଉଁରିଆମାନେ ବୁଡ ପକାଇଲେ



ଜଳେଶ୍ୱର , ୨୯/୦୮ (ନି.ପ୍ର): ଆସନ୍ତାକାଲି ଶ୍ରାବଣ ମାସର ପୂର୍ଣ୍ଣମୀ ତିଥି ଥିବାରୁ ଆଜି ହଜାର ହଜାର ଶିବଭକ୍ତ ମାନେ ସୁବର୍ଣ୍ଣରେଖାନଦୀର ବିଭିନ୍ନ ଘାଟରୁ ପାଣି ନେଇ ଚନ୍ଦନେଶ୍ୱର ମନ୍ଦିରରେ ଜଳାଭିଷେକ କରିବେ । ଭକ୍ତମାନେ ପ୍ରାୟ ୩୫ କି.ମି ଖାଲିପାଦରେ ଚାଲିଚାଲି ଚନ୍ଦନେଶ୍ୱର ଶୀବପୀଠରେ ରାତ୍ରୀ ୯ଟାରୁ ଜଳାଭିଷେକ ଆରମ୍ଭ କରିବେ । ତେଣୁ ଦିନ ତମାମ ପଂଚୁଘଣ୍ଟା, ଶିଖରପୁର, ପୀରଘାଟ, ପଶ୍ଚିମବାର୍ଡ ଇତ୍ୟାଦି ସ୍ଥାନରେ ଥିବା ନଦୀ ଘାଟରୁ ଭକ୍ତାମାନେ ବୁଡ ପକାଇ ସୁଦ୍ଧ ପାଣି କଳସୀରେ ନେଇ ଯାଉଥିବା ଦେଖିବାକୁ ମିଳୁଛି । ବହୁ ସଂଖ୍ୟାରେ ଛୋଟ ଛୋଟ ପିଲା, ମହିଳା ମାନେ ଏଥିରେ ସାମିଲ ହୋଇଥିବାରୁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଚନ୍ଦନେଶ୍ୱରରେ ପ୍ରାୟ ୧ ଲକ୍ଷ ଭକ୍ତ ହେବାର ସମ୍ଭାବନା ଥିବା ଜିଲା ପ୍ରଶାସନ ସତର୍କ ଦୃଷ୍ଟି ରଖିଥିବା ଜଣାଯାଇଛି । ସବୁ ପ୍ରମୁଖ ଘାଟମାନରେ ଏନ୍‌ଆର୍‌ଏଫ, ଓଡ୍ରାଫ ଓ ଅଗ୍ନିସମ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି । ଜଳେଶ୍ୱର-ଚନ୍ଦେନେଶ୍ୱର ରାଜ୍ୟ ରାଜପଥରେ ବୋଲେବମ୍ ଭକ୍ତଙ୍କ ‘ଭୋଲେବାବା’ ଡାକରେ ପ୍ରକମ୍ପିତ ହୋଇଥିଲା । ବିଭିନ୍ନ ଛକମାନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ଥଣ୍ଡା ପାଣି, ସରବତ୍, ବିସ୍‌କିଟ ଓ ଫଳ ଇତ୍ୟାଦି ବଣ୍ଟନ କରାଯିବା ସହିତ ଆହତ ମାନଙ୍କ ଚିକିତ୍ସାର ବ୍ୟବସ୍ଥା ଲାଗି ତତ୍ପର ଥିବା ଜଣାଯାଇଛି । ଏହା ଉତ୍ତର ବାଲେଶ୍ୱରରେ ବ୍ୟାପକଭାବେ ପାଳନ କରାଯାଉଥିବାରୁ ବହୁ ଲୋକ ରାସ୍ତାକଡରେ ବୋଲେବମ୍ ଭକ୍ତମାନଙ୍କୁ ଉତ୍ସାହିତ କରାଯାଉଥିବା ଦେଖିବାକୁ ମିଳିଛି ।

## ମୁକ୍ତାର ଜେଲରେ ବିତାଇଥିବା ସମୟର ରିପୋର୍ଟକୁ ମାଗିଲେ ହାଇକୋର୍ଟ

ପ୍ରୟାଗରାଜ, ୨୯/୦୮ (ନି.ପ୍ର): ବାହୁବଳୀ ମୁକ୍ତାର ଅଂସାରୀ ଜେଲରେ ବିତାଇଥିବା ସମୟ ଉପରେ ଆହ୍ଲାବାଦ ହାଇକୋର୍ଟ ଜେଲ ପ୍ରଶାସନଠାରୁ ରିପୋର୍ଟ ମାଗିଛନ୍ତି । ଗ୍ୟାଙ୍ଗଷ୍ଟର ମାମଲାରେ ହୋଇଥିବା ଦଣ୍ଡକୁ ଜେଲରେ ବିତାଇଛନ୍ତି କି ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି । ଜଷ୍ଟିସ ରାଜବୀର ସିଂ ମୁକ୍ତାର ଅଂସାରୀଙ୍କ ଆବେଦନ ଶୁଣାଣି ବେଳେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ତରଫରୁ କୁହାଯାଇଛି ଯେ ଗାଜିପୁରର ସାଂସଦ ବିଧାୟକ କୋର୍ଟ ଏହି ଗ୍ୟାଙ୍ଗଷ୍ଟର ମାମଲାରେ ଆବେଦନକାରୀ ମୁକ୍ତାର୍ ଅଂସାରୀଙ୍କୁ ୧୦ ବର୍ଷ ଦଣ୍ଡିତ କରିଛନ୍ତି । ଯେଉଁଠାରେ, ଆବେଦନକାରୀ ଏହି ମାମଲାରେ ୧୨ ବର୍ଷରୁ ଅଧିକ ଦଣ୍ଡ ପୂରଣ କରିଛନ୍ତି । ଏହି ମାମଲାରେ ତାଙ୍କୁ ଜେଲରୁ ମୁକ୍ତ କରାଯିବା ଉଚିତ୍ । ଆବେଦନକାରୀଙ୍କ ପକ୍ଷରୁ ଜେଲରେ ବିତାଇଥିବା ସମୟର ଏକ ପ୍ରମାଣପତ୍ର ମଧ୍ୟ କୋର୍ଟରେ ଉପସ୍ଥାପନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo